## ସଂକ୍ଷେପରେ

### ସ୍ତ୍ରୀଙ୍କୁ ନିର୍ଯାତନା, ଅଶ୍ଳୀଳ ଫଟୋ ଭାଇରାଲ: ସ୍ୱାମୀ ଗିରଫ

ବେଲପଡ଼ା, ୮।୧(ମନୋଜ କୁମାର ମିଶ୍ର)

ସ୍ତ୍ରୀଙ୍କୁ ନିର୍ଯାତନା ଦେବା ସହ ତାଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରିବା ଅଭିଯୋଗରେ ବଲାଙ୍ଗୀର ଜିଲା ବେଲପଡ଼ା ଥାନା ପୋଲିସ ସମ୍ପୃକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ରାଷ୍ଟ୍ର ବେହେରା(୪୨)। ରାଷ୍ଟ୍ରଙ୍କୁ କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁସାରେ ରାଷ୍ଟ୍ର ତାଙ୍କ ସ୍ତ୍ରୀଙ୍କୁ ଗତ କିଛିଦିନ ହେଲା ନିର୍ଯାତନା ଦେବା ସହ ମାଡ ମାରୁଥିଲେ। ଏପରିକି ତାଙ୍କ ଅଶ୍ଳୀଳ ଫଟୋ ମଧ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ କରି ଦେଉଥିଲେ। ଏ ନେଇ ବୁଧବାର ପୀଡ଼ିତା ସ୍ତ୍ରୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୩୮/୨୪) ରୁଜୁ କରି ତଦନ୍ତ କରିଥିଲା।

### ଜନକଲ୍ୟାଣ ଯୋଜନା ଉପରେ ସଚେତନତା

ବେଲପଡ଼ା, ୮।୨(ମନୋଜ ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ସଦର ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶାର ପଞ୍ଚାୟତସ୍ତରୀୟ ସଚେତନତା ଶିବିର ହାଇସ୍କୁଲ ଖେଳ ପଡିଆରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଭରପ୍ରାପ୍ତ ସରପଞ୍ଚ ଅମ୍ବିକା ମେହେରଙ୍କ ଅଧ୍ୟକ୍ଷତା ଓ ପିଇଓ ବସନ୍ତ କାଲସାଏଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଟିନା କୁମ୍ଭାର, ଉପାଧ୍ୟକ୍ଷ ଦୁର୍ଯ୍ୟୋଧନ କୁମ୍ଭାର, ଏବିଡିଓ ସୁରଥ ସାହୁ, ସମିତି ସଭ୍ୟ ପୁଷ୍ପାଞ୍ଜଳି ସେଠ, ନୋଡାଲ ଅଫିସର ଜୁଲାଇ ଛୁରା ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ଜନକଲ୍ୟାଣ ଯୋଜନା ଓ ବିଭିନ୍ନ ଜନହିତକର ଯୋଜନା ଉପରେ ଜନ ସଚେତନତା ସୃଷ୍ଟି କରିଥିଲେ। ଏହି ଅବସରରେ ରାଜ୍ୟସରକାରଙ୍କ ଜନସଚେତନତା ପୁସ୍ତିକାକୁ ଅତିଥିଗଣ ଉନ୍ମୋଚନ କରିଥିଲେ। ଶିବିରରେ ଉଦ୍ୟାନ, କୃଷି, ସ୍ୱାସ୍ଥ୍ୟ, ବ୍ୟାଙ୍କ ସେବା, ମିଶନ ଶକ୍ତି ତଥା ବିଭିନ୍ନ ବିଭାଗ ଦ୍ୱାରା ଷ୍ଟଲ ବସିଥିଲା। ପରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ଓ ସାଂସ୍କୃତିକ ଦଳମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଧର୍ମପ୍ରାଣ ମହିଳାଙ୍କ ପରଲୋକ

ଲୋଇସିଂହା, ୮।୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଡେଲି ମାର୍କେଟସ୍ଥିତ ଅବସରପ୍ରାପ୍ତ ଶିକ୍ଷକ ବାଳକୃଷ୍ଣ କରଙ୍କ ସ୍ତ୍ରୀ କୁମୁଦିନୀ ତ୍ରିପାଠୀଙ୍କ ବୁଧବାର ରାତିରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୨ ବର୍ଷ ହୋଇଥିଲା। ସ୍ୱର୍ଗତା ତ୍ରିପାଠୀ ଲୋଇସିଂହା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପରେ ଆଠବର୍ଷ ସୁପରଭାଇଜରଭାବେ କାର୍ଯ୍ୟକରି ୨୦୦୬ରେ ଆଗଲପୁର ବ୍ଲକରୁ ଅବସର ଗ୍ରହଣ କରିଥିଲେ। ସେ ଜଣେ ଧର୍ମ ପରାୟଣ, ମିଷ୍ଟଭାଷୀ, ପରୋପକାରୀ ମହିଳା ଥିଲେ। ସେ ଦୀର୍ଘଦିନ ଧରି ଶଯ୍ୟାଶାୟୀ ଥିଲେ। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଯାଇଛି।

### ଆତ୍ମରକ୍ଷା ତାଲିମ ଶିବିର

ଦେଓଗାଁ, ୮।୨ (କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଠଦିନ ଧରି ହେବାକୁ ଥିବା ଛାତ୍ରୀମାନଙ୍କ ଆତ୍ମରକ୍ଷା ତାଲିମ ଶିବିର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରାଧ୍ୟାପକ ରଞ୍ଜନ କୁମାର ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଶାଶ୍ୱତ ଡିଗ୍ରୀ କଲେଜ ଅଧ୍ୟକ୍ଷ ପୁରୁଷୋତ୍ତମ ମେହେର ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତାଭାବେ ସରକାରୀ ବୈଷୟିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପିକା ଶୁଭଶ୍ରୀସାହୁ ଯୋଗଦେଇ ଛାତ୍ରୀମାନେ ଆତ୍ମରକ୍ଷା ତାଲିମର ସଦ୍‌ବିନିଯୋଗ କରି ଅଗ୍ରଗତି କରିବା ସେ ଉପରେ ପରାମର୍ଶ ଦେଇଥିଲେ। ଅଭିନନ୍ଦା ସରାଫ ପ୍ରଶିକ୍ଷଣ ଦେଇଥିଲେ। ପ୍ରାଧ୍ୟାପକ ଗୋବିନ୍ଦ ମେହେର, ଧୋବାଇ ଚରଣ ପଟେଲ, ଚିନ୍ମୟୀ ମିଶ୍ର, ଖେଳ ଶିକ୍ଷକ ପ୍ରଶାନ୍ତ କୁମାର ଥନାପତି ପ୍ରମୁଖ ମଞ୍ଚାସୀନ ଥିଲେ।

# ମଲାକୁକୁଡ଼ା ଧରି କଲେଟରରେ ଆସିଲେ ଯୁବଚାଷୀ



ମଲା କୁକୁଡା ଧରି ଜିଲାପାଳ କାର୍ଯ୍ୟାଳୟକୁ ଯୁବକ ଆସିଛନ୍ତି(ବାମ), ଜିଲାପାଳ ଅଫିସରେ ମା'ମଙ୍ଗଳା ଏସ୍‌ଏଚ୍‌ଜି ସଦସ୍ୟାମାନେ ।

**ଜିଲାରେ ପ୍ରାଣୀ ଚିକିତ୍ସା ସେବା ଠପ୍‌**

- ୨୦ ଦିନରେ ମଲେଣି ୧ ହଜାର କୁକୁଡା
- ପ୍ରାଣୀ ଚିକିତ୍ସକଙ୍କ ଆନ୍ଦୋଳନ ଯୋଗୁ ଅଟକିଛି ଅନୁଦାନ
- ଜିଲାପାଳଙ୍କୁ ଦାବିପତ୍ର ଦେଲେ ଏସ୍‌ଏଚ୍‌ଜି ସଦସ୍ୟା

ବଲାଙ୍ଗୀର,୮।୨(ବୀରେନ୍ଦ୍ର କୁମାର ଝାଙ୍କର)

ପ୍ରାଣୀଧନ ଚିକିତ୍ସକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ଜିଲାରେ ପ୍ରାଣୀ ଚିକିତ୍ସା ସେବା ସମ୍ପୂର୍ଣ୍ଣ ବ୍ୟାହତ ହୋଇଯାଇଛି। ବାରମ୍ବାର ଦାବି ସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ପ୍ରତିଦିନ ଚାଷୀମାନେ ସିଡିଭିଓ ଏବଂ ଜିଲାପାଳ ଅଫିସକୁ ଆସି ଗୁହାରି ଜଣାଉଛନ୍ତି। ଗୁରୁବାର ବଲାଙ୍ଗୀର ସଦର ବ୍ଲକ୍ ଆଡେନଡୁଙ୍ଗୁରୀ ଗାଁର ଜଣେ ଯୁବକ ମଲା କୁକୁଡା ଧରି ଜିଲାପାଳ କାର୍ଯ୍ୟାଳୟ ଆସି ସ୍ଥିତି ସମ୍ପର୍କରେ ଅବଗତ କରିବାକୁ ଚେଷ୍ଟା କରିଥିଲେ। ଗତ ୨୦ଦିନ ଭିତରେ ୪ହଜାର କୁକୁଡାରୁ ୧ହଜାର ମୃତ୍ୟୁମୁଖରେ ପଡିଲେଣି ବୋଲି ସେ ଅଭିଯୋଗ କରିଥିଲେ। ପ୍ରାଣୀ ଚିକିତ୍ସକମାନେ ଆନ୍ଦୋଳନରେ ଥିବାରୁ କେଉଁ କାରଣରୁ କୁକୁଡାଙ୍କ ମୃତ୍ୟୁ ଘଟୁଛି ଜଣାପଡୁନାହିଁ। ଚିକିତ୍ସା କରାଯାଉ ନ ଥିବାରୁ ପ୍ରତିଦିନ ପ୍ରାୟ ୬୦/୭୦ କୁକୁଡାଙ୍କ ମୃତ୍ୟୁ ଘଟୁଛି ବୋଲି ସେ କହିଛନ୍ତି। ଯୁବଚାଷୀ ଜଣକ କହିଛନ୍ତି ଯେ, ସେ ଋଣ ନେଇ କୁକୁଡା ଚାଷ କରିଛନ୍ତି। ତାଙ୍କ ଫାର୍ମରେ ୪ ହଜାର କୁକୁଡା ଥିଲେ। ମାତ୍ର ୨୦ ଦିନ ଭିତରେ ସେଥିରୁ ୧ ହଜାର କୁକୁଡା ମରିଗଲେଣି। କେଉଁ ରୋଗରୁ ସେମାନଙ୍କ ମୃତ୍ୟୁ ହେଉଛି ଓ ନିରାକରଣ କ'ଣ ସେନେଇ ପ୍ରାଣୀ ଚିକିତ୍ସକମାନେ କହୁନାହାନ୍ତି। ସେମାନେ ଆନ୍ଦୋଳନରେ ଅଛନ୍ତି ବୋଲି କହୁଛନ୍ତି। ଏଭଳି ପରିସ୍ଥିତିରେ ପ୍ରାୟ ୨୦ କିଲୋମିଟର ଦୂରରୁ ପ୍ରତିଦିନ ସିଡିଭିଓ ଅଫିସକୁ ଆସି ମଲା କୁକୁଡା ଦେଖାଉଛନ୍ତି। ସିଡିଭିଓଙ୍କ ସହ ଭେଟ ବି ମିଳୁନାହିଁ। ଆଜି ଜିଲାପାଳଙ୍କ କାର୍ଯ୍ୟାଳୟକୁ ମଲା କୁକୁଡା ଧରି ନିରାକରଣ ଆଶାରେ ଆସିଛୁ ବୋଲି ସେ କହିଥିଲେ।

ଅନ୍ୟପଟେ ଗୁରୁବାର ବଲାଙ୍ଗୀର ସଦର ବ୍ଲକ୍ ଚନ୍ଦନଭାଟି ଗାଁର ମା' ମଙ୍ଗଳା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ଜିଲାପାଳ କାର୍ଯ୍ୟାଳୟ ଆସି ସାଂଘାତିକ ଅଭିଯୋଗ କରିଥିଲେ। ସେମାନଙ୍କ କହିବା ହେଲା ଚଳିତବର୍ଷ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଛେଳିଫାର୍ମ ନିର୍ମାଣ ପାଇଁ କାର୍ଯ୍ୟାଦେଶ ମିଳିଥିଲା। ବିଭାଗୀୟ ଅଧିକାରୀମାନେ ଠିକ୍ ସମୟରେ ଅନୁଦାନ ଆସିବ ଏବଂ ସବୁପ୍ରକାର ସହଯୋଗ କରାଯିବ ବୋଲି କହିବାରୁ ସେମାନେ ଏହି ପ୍ରକଳ୍ପ ନିର୍ମାଣ କରିବାକୁ ରାଜି ହୋଇଥିଲେ। ସେମାନଙ୍କ କଥାକୁ ବିଶ୍ୱାସ କରି ମହିଳା ସଦସ୍ୟାମାନେ ଧାର କରଜ କରି ଛେଳିଫାର୍ମ ନିର୍ମାଣ କାର୍ଯ୍ୟ ଶେଷ କଲେଣି। ମାତ୍ର ସରକାରୀ ଅନୁଦାନ ମିଳୁନାହିଁ। ଦାୟିତ୍ୱରେ ଥିବା ପ୍ରାଣୀ ଚିକିତ୍ସକଙ୍କୁ ଯୋଗାଯୋଗ କରି ବାରମ୍ବାର ଅନୁଦାନ କଥା ପଚାରିଲେ ସେ ଛୁଟିରେ ଥିବା ଦର୍ଶାଇ ସହଯୋଗ କରୁ ନ ଥିବା ସଦସ୍ୟାମାନେ ଅଭିଯୋଗ କରିଛନ୍ତି। ଏଭଳି ପରିସ୍ଥିତିରେ ସେମାନେ ଚିନ୍ତାରେ ପଡିଛନ୍ତି। ଏହି କଥାକୁ ନେଇ ଏସ୍‌ଏଚ୍‌ଜି ସଦସ୍ୟାଙ୍କ ଭିତରେ ଅଯଥା ବିବାଦ ସୃଷ୍ଟି ହୋଇଥିବା ମଧ୍ୟ ସେମାନେ ଜଣାଇଛନ୍ତି। ଏଣୁ ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଆସି ସ୍ଥିତି ସମ୍ପର୍କରେ ଜଣାଇ ସମାଧାନ ପନ୍ଥା ବାହାର କରିବାକୁ ଅନୁରୋଧ କରିଛନ୍ତି। ଜିଲାରେ ପ୍ରାଣୀ ଚିକିତ୍ସା ସେବା ବ୍ୟାହତ ହୋଇଥିବାରୁ ବହୁ ଗୋରୁ, ଗୃହପାଳିତ ପଶୁଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହେଉଛି।

# ଟିପିଡବ୍ଲ୍ୟୁଓଡିଏଲ୍ ବୃତ୍ତିଗତ ତାଲିମ କେନ୍ଦ୍ର ଉଦ୍‌ଘାଟିତ



ବୃତ୍ତିଗତ ତାଲିମ କେନ୍ଦ୍ରକୁ ମୁଖ୍ୟଅତିଥି ଗଜାନନ୍ କାଲେ ଉଦ୍‌ଘାଟନ କରୁଛନ୍ତି।

ବଲାଙ୍ଗୀର,୮।୨(ବୀରେନ୍ଦ୍ର କୁମାର ଝାଙ୍କର)

ଟାଟାପାୱର ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଡବ୍ଲ୍ୟୁଓଡିଏଲ୍) ପକ୍ଷରୁ ବଲାଙ୍ଗୀର ସହରର ରାଜେନ୍ଦ୍ରପଡା ଠାରେ ଗୁରୁବାର ପୂର୍ବାହ୍ଣରେ ଏକ ବୃତ୍ତିଗତ ତାଲିମ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଏହାକୁ ଟିପିଡବ୍ଲ୍ୟୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗଜାନନ୍ କାଲେ ଉଦ୍‌ଘାଟନ କରିଥିଲେ। ଟିପିଡବ୍ଲ୍ୟୁଓଡିଏଲ କମ୍ପାନୀର ସାମାଜିକ ଦାୟିତ୍ୱବୋଧ ବିଭାଗ ପକ୍ଷରୁ ଏହି ନିଶୁଳ୍କ ବୃତ୍ତିଗତ ବିୟୁଟିସିଆନ୍ ଓ ନର୍ସିଂ ତାମିଲ କେନ୍ଦ୍ର ଖୋଲାଯାଇଛି। ଏହି କେନ୍ଦ୍ରରେ ଆନୁସଙ୍ଗିକ ଭିତ୍ତିଭୂମି ପ୍ରସ୍ତୁତ କରାଯାଇ ବ୍ୟବହାରିକ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଏହାର ପରିଚାଳନା ପାଇଁ ସ୍ୱେଚ୍ଛାସେବୀ ସଙ୍ଗଠନ ପ୍ରଥମକୁ ନିୟୋଜିତ କରାଯାଇଥିବା ସୂଚନା ଦିଆଯାଇଛି। ଆଗାମୀ ଦିନରେ ବଲାଙ୍ଗୀର ସହର ଏବଂ ଏହାର ଆଖପାଖ ଅଞ୍ଚଳର ବହୁ ସଂଖ୍ୟକ ଯୁବତୀ ଓ ଯୁବକ ଏହି ପ୍ରଶିକ୍ଷଣ କେନ୍ଦ୍ରରେ ଶିକ୍ଷାଦାନ ହାସଲ କରି ଜୀବିକା ନିର୍ବାହ କରିପାରିବେ। ଏହା ସେମାନଙ୍କ ପରିବାର ଏବଂ ସମାଜର ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବ ବୋଲି କୁହାଯାଇଛି। ଏହି ଅବସରରେ କମ୍ପାନୀ ସିଇଓ କାଲେ କହିଥିଲେ ଯେ, ଆଗାମୀ ଦିନରେ ଛାତ୍ରୀଛାତ୍ରଙ୍କ ପ୍ରଶିକ୍ଷଣ ଲାଗି ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆମର ସାମାଜିକ ଦାୟିତ୍ୱବୋଧ ବିଭାଗ ତରଫରୁ ଜିଲାରେ ଅଧିକରୁ ଅଧିକ କାର୍ଯ୍ୟକ୍ରମ ହାତକୁ ନିଆଯିବ। ବଲାଙ୍ଗୀର ସହର ଏବଂ ଏହାର ଆଖପାଖ ଅଞ୍ଚଳରେ ସାମାଜିକ ବିକାଶ ପାଇଁ କମ୍ପାନୀ ସଦାସର୍ବଦା ପ୍ରଚେଷ୍ଟା ଜାରି ରଖିବ। ଗୁଣାତ୍ମକ ବିଦ୍ୟୁତ୍ ସେବା ସହିତ ସାମାଜିକ ଦାୟିତ୍ୱବୋଧକୁ କମ୍ପାନୀ ନିଷ୍ଠାପର ଭାବେ ପାଳନ କରୁଥିବା ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଟିପିଡବ୍ଲ୍ୟୁଓଡିଏଲର ଅନ୍ୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

# ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ



ଅର୍ଜୁନପୁର ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ।

ଦେଓଗାଁ ୮।୨ (କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅର୍ଜୁନପୁର ଓ କୁଲୁତାପଡା ଗ୍ରାମ ପଞ୍ଚାୟତରେ ଗୁରୁବାର ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅର୍ଜୁନପୁରରେ ସରପଞ୍ଚ ଗୀତା ଜଗଦଲା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ଖମାରୀ, ସମ୍ମାନୀତ ଅତିଥି ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତୀ ଛତ୍ରିଆ, ସାଲେପାଲି ସମିତି ସଭ୍ୟ ଲକ୍ଷ୍ମଣ କୁମାର ମେହେର, ବ୍ଲକ ବିଜେଡି ସଭାପତି ଶୁଶୀଲ ଚାନ୍ଦ ମଞ୍ଚାସୀନ ହୋଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଉପରେ ଲୋକଙ୍କୁ ଅବଗତ କରିଥିଲେ। ବିଭିନ୍ନ ଯୋଜନାଗୁଡିକ ଏଲଇଡି ମାଧ୍ୟମରେ ପ୍ରଦର୍ଶନ କରାଯାଇ ସଚେତନତା କରାଯାଇଥିଲା। କୃଷି ବିଭାଗ, ସମନ୍ୱିତ ଶିଶୁ ବିକାଶ, ସ୍ୱାସ୍ଥ୍ୟ, ଉଦ୍ୟାନ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ଷ୍ଟଲ ଲାଗିଥିଲା। ସେହିପରି କୁଲୁତାପଡା ପଞ୍ଚାୟତରେ ସରପଞ୍ଚ ଦୁଷ୍ମନ୍ତ ସାହୁଙ୍କ ସଭାପତିତ୍ୱରେ ବ୍ଲକ ଅଧ୍ୟକ୍ଷ ଖମାରୀ ଯୋଗଦେଇ ଯୋଜନାଗୁଡିକ ଉପରେ ଲୋକଙ୍କୁ ଅବଗତ କରିଥିଲେ। ସ୍ଥାନୀୟ ପିଇଓ ଲିଙ୍ଗରାଜ ସୁନା ଧନ୍ୟବାଦ ଦେଇଥିଲେ। ପରେ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଅଧ୍ୟକ୍ଷ, ଉପାଧ୍ୟକ୍ଷା କଥା କଟାକଟି

ଅର୍ଜୁନପୁର ପଡିଆରେ ଗୁରୁବାର ଚାଲିଥିଲା ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ।ସମ୍ମାନୀତ ଅତିଥିଭାବେ କଂଗ୍ରେସ ଦଳ ସମର୍ଥିତ ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତୀ ଛତ୍ରିଆ ଯୋଗଦେଇ ରାଜ୍ୟ ସରକାରଙ୍କ ବିଫଳତା ଉପରେ ବକ୍ତବ୍ୟ ରଖିଥିଲେ। ଏହି ସମୟରେ ବିଜେଡି ସମର୍ଥିତ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ଖମାରୀ ଏହି କାର୍ଯ୍ୟକ୍ରମ ଜନସଚେତନା ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ ପାଇଁ କରାଯାଉଥିବା କହିଥିଲେ। ଲୋକଙ୍କୁ ହାତପାହାନ୍ତାରେ ସୁବିଧା ସୁଯୋଗ ଯୋଗାଇଦେବାପାଇଁ ସମସ୍ତ ସରକାରୀ ଅଧିକାରୀଙ୍କ ଉପସ୍ଥିତିରେ ପ୍ରତି ପଞ୍ଚାୟତ ମୁଖ୍ୟାଳୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏଣୁ ଏଠାରେ ସରକାରଙ୍କ ବିରୋଧରେ କହିବା ଠିକ୍ ନୁହେଁ ବୋଲି କହିବାରୁ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା।

# ଦାଦନ ଶ୍ରମିକ ଚାଲାଣ ସଚେତନତା କର୍ମଶାଳା

କଣ୍ଟାବାଞ୍ଜି, ୮।୧( ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସିଭିଲ କୋର୍ଟ ପରିସରରେ ଗୁରୁବାର ଦାଦନ ଶ୍ରମିକ ଚାଲାଣ ସମ୍ପର୍କିତ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କଣ୍ଟାବାଞ୍ଜି ତାଲୁକ ଆଇନ ସେବା କମିଟି ଆୟୋଜିତ କର୍ମଶାଳାରେ ଅଧ୍ୟକ୍ଷତା କରିଥିଲେ ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ୍ ହିମାଂଶୁ ଶେଖର ମଲ୍ଲିକ । କର୍ମଶାଳାରେ ଅତିଥିଭାବେ ସବ୍‌ଜଜ୍ ପରିତୋଷ ସେଠୀ, ଜେଏମଏଫସି ରାହୁଲ କୁମାର ଜେନା ମଞ୍ଚାସୀନ ଥିଲେ । ଜେଏମ୍‌ଏଫ୍‌ସି ଜେନା ଦାଦନ ଶ୍ରମିକଙ୍କ କାର୍ଯ୍ୟସ୍ଥଳୀରେ ଉପଲବ୍ଧ ଥିବା ବିଭିନ୍ନ ଆଇନ ଓ ଅଧିକାର ଉପରେ ଅବଗତ କରିଥିଲେ। ସବ୍‌ଜଜ୍ ସେଠୀ ଦାଦନ ଶ୍ରମିକମାନଙ୍କ ମୌଳିକ ଅଧିକାର ଏବଂ ସେମାନଙ୍କ କାର୍ଯ୍ୟସ୍ଥଳୀରେ ଆଇନର କେଉଁ କେଉଁ ସୁବିଧା ସୁଯୋଗ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଇଥାଏ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ମୋହନଲାଲ ଶର୍ମା, ଦୁଃଖିଶ୍ୟାମ ଗୁରୁ, ଅଶୋକ ଦାସ, ମନୋଜ ଦାସ, ଅଧ୍ୟାପକ ଡ. ସଞ୍ଜୟ କୁମାର ମିଶ୍ର, ପିଏଲଏଭି କାହ୍ନୁ ଚରଣ ମିଶ୍ର ଦାଦନ ଶ୍ରମିକ ଚାଲାଣ ସମସ୍ୟାର ନିରାକରଣ ପାଇଁ ସରକାର ଯତ୍ନଶୀଳ ହେବା ଉଚିତ ବୋଲି କହିଥିଲେ । ଏହି କର୍ମଶାଳାରେ ଓକିଲ ସଂଘ ସଭ୍ୟ, କୋର୍ଟ କର୍ମଚାରୀ, ସାମାଜିକ କର୍ମୀ ଏବଂ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

# କୁତୁର୍ଲା ଓ ମୁରସିଂରୁ ଚୋରି, ଜଣେ ଗିରଫ

ଦେଓଗାଁ ୮।୨ (କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ କୁତୁର୍ଲା ଓ ମୁରସିଂରେ ସିରିଜ୍ ଚୋରି ହୋଇଥିଲା। ନୂତନ ଥାନାଧିକାରୀ ହରିବନ୍ଧୁ ଗଡତ୍ୟା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏ ନେଇ ଏକ ମାମଲା(୨୯/୨୪)ରୁଜୁ ହୋଇଥିଲା। ଗୁରୁବାର ମୁରସିଂ ଗାଁର ସମୀର ବାଗ (୨୧)ଙ୍କୁ ସନ୍ଦେହରେ ଥାନାକୁ ଆଣି ପଚରାଉଚରା କରିବା ସମୟରେ ସେ ଚୋରି କରିଥିବା ସ୍ୱୀକାର କରିଥିଲେ। ତାଙ୍କଠାରୁ କିଛି ଟଙ୍କା ଜବତ କରାଯାଇଥିଲା। ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ପ୍ରକାଶଯେ, ମୁରସିଂର ଅଘରିଆପଡାର ଲକ୍ଷ୍ମୀ ନାଏକଙ୍କ ଘର କବାଟ ଭାଙ୍ଗି ଘରୁ ୨୦ ହଜାର ଟଙ୍କା ଚୋରି ହୋଇଥିବା ବେଟ୍ଟେଲ ସୁମନ୍ତ ନନ୍ଦଙ୍କ ଝରକା ଭାଙ୍ଗି ନ ପାର ଚୋର ପଳାଇଥିଲେ। ପରେ ଆମ୍ବପାଲିର ମିଲେଶ ପୋଢ଼ଙ୍କ ମୋବାଇଲ ଦୋକାନରୁ ମୋବାଇଲ ଓ ଟଙ୍କା ଚୋରି କରିନେଇଥିବା ଅଭିଯୋଗ ହୋଇଥିଲା।

# ଦୁର୍ଗେଶ୍ୱରୀ ନୋଡାଲ୍ ଉଚ୍ଚବିଦ୍ୟାଳୟ ବାର୍ଷିକ କ୍ରୀଡ଼ା



ଅତିଥିମାନେ କ୍ରୀଡା ପତାକା ଉତ୍ତୋଳନ କରୁଛନ୍ତି।

ଲାଠୋର, ୮।୨(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ସଦର ଗ୍ରାମର ଶ୍ରୀଦୁର୍ଗେଶ୍ୱରୀ ନୋଡାଲ୍ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସମ୍ପତ ଭୋଇଙ୍କ ତତ୍ତ୍ୱାବଧାନରେ ଗୁରବାର ୫୪ତମ ବାର୍ଷିକ କ୍ରୀଡ଼ା ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଜାନକୀ ଭୋଇ, ସମ୍ମାନୀତ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ସଦାନନ୍ଦ ବେହେରା, ଅଷ୍ଟମୁ ମାଝି ଯୋଗଦେଇଥିଲେ। ଲାନ୍ଥନଦୀ ନିକଟରୁ ଛାତ୍ର ପୂର୍ଣ୍ଣଚନ୍ଦ୍ର ପରାଭୁଏ, ବିକାଶ ଭୋଇ, ବିନୋଦ ମାଝି, ଶେଷଦେବ ଭଇଁଷାଲ ଓ ଭୀଷ୍ମ ରଣା କ୍ରୀଡା ମଶାଲ ଶୋଭାଯାତ୍ରାରେ ଆଣି ଖେଳ ପଡ଼ିଆରେ ପହଞ୍ଚିଲା ପରେ ଅତିଥିମାନେ ପତାକା ଉତ୍ତୋଳନ ପୂର୍ବକ ବାର୍ଷିକ କ୍ରୀଡ଼ାର ଉଦ୍‌ଘାଟନ କରିଥିଲେ। ଦୁଇଦିନ ଧରି ହେବାକୁ ଥିବା କ୍ରୀଡ଼ାରେ ୩ ଶହ ଛାତ୍ରୀଛାତ୍ର ୨୨ଟି ପ୍ରତିଯାଗୀତାରେ ଅଂଶଗ୍ରହଣ କରୁଛନ୍ତି। ଖେଳ ଶିକ୍ଷକ ଦୋଳଗୋବିନ୍ଦ ମୁଣ୍ଡା ଖେଳ କରୁଥିବା ବେଳେ ସୌମ୍ୟରଞ୍ଜିତା ଶବର, ରୁଷ୍ୟଶୃଙ୍ଗ ବିଶି, ଧର୍ମେନ୍ଦ୍ର ମହାଲିଙ୍ଗ, ଲିଙ୍ଗରାଜ ପସାୟତ, ମଧୁସୁଦନ ଦଣ୍ଡସେନା, ସୁଧୀର ପ୍ରଧାନ ସହଯୋଗ କରୁଛନ୍ତି।

# ୧୦କୁଇଣ୍ଟାଲ ମହୁଲ ପୋଚ ନଷ୍ଟ

**୫୦ ଲିଟର ମଦ ଜବତ, ଜଣେ ଗିରଫ**

ଲୋଇସିଂହା,୮।୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ମାହାରପାଲିରେ ଲୋଇସିଂହା ପୋଲିସ ଓ ଅବକାରୀ ବିଭାଗ ଗୁରୁବାର ମିଳିତ ଚଢାଉ କରିଥିଲେ। ଚଢାଉ ବେଳେ ମଦ ପ୍ରସ୍ତୁତ ପାଇଁ ରଖିଥିବା ୧୦କୁଇଣ୍ଟାଲ ମହୁଲ ପୋଚ ନଷ୍ଟ କରାଯିବା ସହ ୫୦ ଲିଟର ରନ୍ଧା ମଦ ଏବଂ ମଦ ପ୍ରସ୍ତୁତରେ ବ୍ୟବହୃତ ବାସନକୁସନ ପୋଲିସ ଜବତ କରିଥିଲା। ଏହି ଘଟଣାର କୁନ୍ତୀ ରାଉତଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଏନେଇ ଅବକାରୀ ଆଇନ ଦଫା ୫୨(ଏ)ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ଯଜ୍ଞାସିନୀ ନାୟକ କହିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଯୋଗୀସର୍ଡା ପଞ୍ଚାୟତ ମାହାରପାଲି ଗ୍ରାମରେ ବେଆଇନ ମଦ ପ୍ରସ୍ତୁତ ହୋଇ ବିଭିନ୍ନ ଅଞ୍ଚଳକୁ ଚାଲାଣ କରାଯାଉଥିବା ନେଇ ଲୋଇସିଂହା ପୋଲିସ ନିକଟରେ ଅଭିଯୋଗ ହୋଇଥିଲା। ଏହାବ୍ୟତୀତ ଲୋଇସିଂହା ସଦର ଗ୍ରାମରେ କୁଟିଆଙ୍କଠାରୁ ମଦପିଇ ଅନେକଙ୍କ ମୃତ୍ୟୁ ଘଟଇ ସାରିଲାଣି। ଅବକାରୀ ବିଭାଗ ସ୍ଥାଣୁ ପଲଟିଥିବାରୁ ଦୁଇଦିନ ତଳେ ମହିଳାମାନେ ବୈଠକ କରି ଅସନ୍ତୋଷ ଜାହିର କରିବା ସହ ମଦ ବନ୍ଦ ପାଇଁ ଅଣ୍ଟା ଭିଡ଼ିଥିଲେ। ଗ୍ରାମାଞ୍ଚଳରେ ମଦ କାରବାର ରୋକିବା ଉଦ୍ଦେଶ୍ୟରେ ଆଇଆଇସି ନାୟକଙ୍କ ନେତୃତ୍ୱରେ ଫୋର୍ସ ସହ ଥାନା ଷ୍ଟାଫ ଏବଂ ଅବକାରୀ କର୍ମଚାରୀ ଚଢାଉରେ ସାମିଲ ହୋଇଥିଲେ।

# ରାଜ୍ୟସ୍ତରୀୟ ଫୁଟ୍‌ବଲ: ଫାଇନାଲରେ କଦଳୀପାଲି

ବଲାଙ୍ଗୀର,୮।୨(ବୀରେନ୍ଦ୍ର କୁମାର ଝାଙ୍କର)




ପ୍ରଥମ ସେମିଫାଇନାଲ ଖେଳ ସଭାରେ ମଞ୍ଚାସୀନ ଅତିଥି।

ସ୍ଥାନୀୟ ପୃଥ୍ୱୀରାଜ ହାଇସ୍କୁଲ ଖେଳପଡିଆରେ ବଲାଙ୍ଗୀର ଫ୍ରେଣ୍ଡ କ୍ଲବ ଆୟୋଜିତ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ଖେଳ ଗୁରୁବାର ଅପରାହ୍ଣରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ସେମିଫାଇନାଲରେ ବରଗଡ ଜିଲା କଦଳୀପାଲି ଆଥଲେଟିକ ଆସୋସିଏଶନ ଏବଂ ସିସିଏଫଏ ବୀରମହାରାଜପୁର ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଉଭୟ ଦଳ ୧-୧ ଗୋଲ ସ୍କୋର କରିଥିଲେ। ପେନାଲଟି ସୁଟ୍‌ଆଉଟ ସଡନଡେଥ୍ (୫-୪) ଗୋଲରେ କଦଳୀପାଲି ବିଜୟୀ ହୋଇ ପ୍ରଥମ ଦଳ ଭାବେ ଫାଇନାଲରେ ପହଞ୍ଚିଛି। ଆସନ୍ତା ୧୨ ତାରିଖରେ ହେବାକୁ ଥିବା ଫାଇନାଲ ଖେଳରେ ଏହି ଦଳ ବି-ପୁଲର ବିଜେତା ଦଳକୁ ଭେଟିବ। ଖେଳ ମଧ୍ୟାନ୍ତରରେ କ୍ଲବ ସଭାପତି ଲୋଟସ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଉପଜିଲାପାଳ ପ୍ରଭାତ ଦଣ୍ଡସେନା, ସମ୍ମାନୀତ ଅତିଥି ଭାବେ ଯୁବନେତା ସମରେନ୍ଦ୍ର ମିଶ୍ର, ଜିଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ ହରିନାରାୟଣ ପୂଝାରୀ, ଗାନ୍ଧୀଜୀ କ୍ଲବ ସଭାପତି ରାମଚନ୍ଦ୍ର ପୁରୋହିତ, ସଧାରଣ ସମ୍ପାଦକ ଜଗନ୍ନାଥ ମିଶ୍ର ଏବଂ କୋଷାଧକ୍ଷ ରଞ୍ଜିତ ବେହେରା ମଞ୍ଚାସୀନ ଥିଲେ। ଶଶୀକାନ୍ତ ଦାସିଆ, ସଞ୍ଜୀବ ମହାରଣା, ନରସିଂହ ସ୍ୱାମୀ ନାଇଡୁ, ରାଜେନ୍ଦ୍ର ଧାରୁଆ ଆଜିର ଖେଳ ପରିଚାଳନା କରିଥିଲେ। ମ୍ୟାଚ କମିଶନର ଭାବେ ସୁନୀଲ ଚନ୍ଦ୍ର ବିଶ୍ୱାଳ ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ବରିଷ୍ଠ କ୍ରୀଡାବିତ ପଦ୍ମଚରଣ ଦାସ ଓ ହୃଷୀକେଶ ସାଏଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସଭାକୁ ଶରତ ନନ୍ଦ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ପାଇକମାଳରେ ଚାଏ ପେ ଚର୍ଚ୍ଚା କାର୍ଯ୍ୟକ୍ରମ

**ପାଇକମାଳ,୮।୨(ବଡ଼ ଶତପଥୀ):** ବରଗଡ ଜିଲା ପାଇକମାଳ ମୁଖ୍ୟ ଛକରେ ଭାଜପା ପକ୍ଷରୁ ଚାଏ ପେ ଚର୍ଚ୍ଚା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଡା. ରାମକୃଷ୍ଣ ପୁରୋହିତ, ପୂର୍ବତନ ବିଧାୟକ ତଥା ଦଳୀୟ ମୁଖପାତ୍ର ପ୍ରଦୀପ ପୁରୋହିତ ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କ ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟ ଉପରେ ଜନସାଧାରଣଙ୍କ ସହ ମତ ବିନିମୟ କରିଥିଲେ। କାର୍ଯ୍ୟକ୍ରମରେ ଭାଜପା ଜିଲା ଉପ ସଭାପତି ସରୋଜ ସାମଲ, ବରିଷ୍ଠ ନେତା ଗୋବର୍ଦ୍ଧନ ଅଗ୍ରୱାଲ, ସତ୍ୟ ନାରାୟଣ ବେହେରା, ଡା. ଲମ୍ବୋଦର ପଣ୍ଡା, କୈଳାସ ଦିଶ୍ରୀ, ସଞ୍ଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ବିଶିଷ୍ଟ ପ୍ରବଚକଙ୍କ ପରଲୋକ

**ବରପାଲି,୮।୨(ଚିତ୍ତରଞ୍ଜନ ସାହୁ):** ବରପାଲି ଅଞ୍ଚଳର ବିଶିଷ୍ଟ ପ୍ରବାଚକ ଇଞ୍ଜିନିୟର ଯୁଧିଷ୍ଠିର ମହଡମ (୮୫)ଙ୍କ



ଗୁରୁବାର ପରଲୋକ ହୋଇଛି। ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ। ସ୍ୱର୍ଗତ ମହଡମ୍ ଜଳ ସେଚନ ବିଭାଗର ଏସ୍‌ଡିଓରୁ ଅବସର ଗ୍ରହଣ କରିଥିଲେ। ଏହା ସହିତ ସେ ବିଶିଷ୍ଟ ପ୍ରବଚକ ଭାବେ ସାରା ଓଡ଼ିଶାରେ ବେଶ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସ ଭବନରେ ଅନ୍ତିମ ଦର୍ଶନ କରିଥିଲେ।

### ସେବାଶ୍ରମ ସ୍କୁଲର ବାର୍ଷିକ ଉତ୍ସବ

**ବରଗଡ଼,୮।୨(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ବିଜେପୁର ବ୍ଲକ ଅନ୍ତର୍ଗତ ଲେମଧର ସେବାଶ୍ରମ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅଶୋକ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ସାମାଜିକ ମଙ୍ଗଳ ଅଧିକାରୀ ଐଶ୍ୱର୍ଯ୍ୟା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସିଆରସିସି ରାଜେଶ୍ୱର ବେହେରା ମୁଖ୍ୟ ବକ୍ତା, ସ୍କୁଲ ପରିଚାଳନା କମିଟି ଚେୟାରମ୍ୟାନ ବୀଣା ମଲ୍ଲିକ, ସାଇପାଲି ସେବାଶ୍ରମର ପ୍ରଧାନ ଶିକ୍ଷକ ରଘୁନାଥ ସାହୁ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଦ୍ୟାଳୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ଟିକେଶ୍ୱରୀ ସେଠ ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ନମିତା ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

### ଧର୍ମପରାୟଣା ମହିଳାଙ୍କ ପରଲୋକ



**ପଦ୍ମପୁର,୮।୨(ପ୍ରଦୀପ୍ତ ଦାଶ):** ପଦ୍ମପୁର ନିକଟସ୍ଥ ବୁଢ଼ୁଡା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଧନଞ୍ଜୟ ଦାଶଙ୍କ ଧର୍ମପତ୍ନୀ ଉଷାବତୀ (୭୨)ଙ୍କ ବୁଧବାର ବିଳମ୍ବିତ ରାତିରେ ହୃଦ୍‌ଘାତରେ ପରଲୋକ ହୋଇଛି। ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ସେ ବରଗଡ଼ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

**ପ୍ରାଣୀ ଚିକିତ୍ସକଙ୍କ ଆନ୍ଦୋଳନ**

# ସେବା ନ ପାଇ ହଟହଟା





ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ଫେରାଦ ହୋଇଥିବା ଚାଷୀବୃନ୍ଦ । ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରାଣୀ ଚିକିତ୍ସକଙ୍କ ଧାରଣା ।

**ବରଗଡ଼,୮।୨(ପ୍ରେମାନନ୍ଦ ଖମାରୀ)**

ଓଡ଼ିଶା ପ୍ରାଣୀ ଚିକିତ୍ସା ସେବା ସଂଘ ପକ୍ଷରୁ ଆନ୍ଦୋଳନ ଜାରି ରହିଛି। ଏଥିରେ ସଂଘର ବରଗଡ଼ ଜିଲା ଶାଖା ମଧ୍ୟ ସାମିଲ ହୋଇଛି । ଗତ ଜାନୁୟାରୀ ୧୮ତାରିଖରୁ ପ୍ରାଣୀ ଚିକିତ୍ସକମାନେ ସମୂହ ଛୁଟିରେ ରହି ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଜାରି ରଖିଛନ୍ତି। ଆନ୍ଦୋଳନକୁ ୩ ସପ୍ତାହ ବିତିଯାଇଛି। ହେଲେ ପ୍ରାଣୀ ଚିକିତ୍ସକଙ୍କ ଦାବି ସମୂହ ଉପରେ କିଛି ନିର୍ଯାସ ବାହାରି ପାରିନାହିଁ। ଅନ୍ୟପଟେ ଲୋକେ ପ୍ରାଣୀ ଚିକିତ୍ସା ବିଭାଗ ଯୋଗାଉଥିବା ସେବାରୁ ବଞ୍ଚିତ ହୋଇଛନ୍ତି। ପ୍ରାଣୀ ଚିକିତ୍ସା ସେବା ନ ପାଇ ଲୋକେ ହଟହଟା ହେବା ସହିତ ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଗୁରୁବାର ପ୍ରାଣୀ ଚିକିତ୍ସା ସେବାରୁ ବଞ୍ଚିତ ବିଭିନ୍ନ ଗ୍ରାମର ଲୋକେ ଜିଲାପାଳ ଆଦିତ୍ୟ ଗୋୟଲ ଏବଂ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ ଭାରପ୍ରାପ୍ତ ଅଧିକାରୀ ଡା. ପି. ସି. ଜେନାଙ୍କୁ ଫେରାଦ ହୋଇଥିଲେ ଏବଂ ସ୍ମାରକପତ୍ର ପ୍ରଦାନ ସହିତ ସେମାନଙ୍କ ସମସ୍ୟା ଉପରେ ଅବଗତ କରିଥିଲେ ।

ବରପାଲି ବ୍ଲକ ଅଧୀନ ସତଲମା ଗ୍ରାମର ଦୀପାଳିପୂଜାରୀ ପ୍ରଶାସନର ଦ୍ୱାରସ୍ଥ ହୋଇ ଜଣାଇଛନ୍ତି, ସେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା(ଏମ୍‌କେୟୁୱାଇ)ରେ ଏକ ଗାଇଫାର୍ମ କରିଛନ୍ତି । ଫାର୍ମରେ ବର୍ତ୍ତମାନ ୨୦ଟି ଗାଇ ଅଛନ୍ତି । ସମୂହ ଛୁଟିରେ ଥିବାରୁ ପ୍ରାଣୀ ଚିକିତ୍ସକମାନେ ଫାର୍ମ ପରିଦର୍ଶନ କରିବାକୁ ଆସୁନାହାନ୍ତି। ଫଳରେ ଗାଇମାନଙ୍କର ବୀମା ହୋଇ ପାରୁ ନ ଥିବାବେଳେ ଗାଇମାନଙ୍କୁ କୌଣସି ଚିକିତ୍ସା ସେବା ମଧ୍ୟ ମିଳି ପାରୁନାହିଁ। ଏହାସହିତ ଗାଇମାନଙ୍କ କୃତ୍ରିମ ପ୍ରଜନନ ସୁବିଧା ମଧ୍ୟ ହୋଇପାରୁ ନ ଥିବା ସେ ଅଭିଯୋଗ କରିଛନ୍ତି।

ସେହିପରି ବରପାଲି ବ୍ଲକ ଅନ୍ତର୍ଗତ ଧୀରପୁର ଗ୍ରାମର ମାଁ ସମଲେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀର ଏକ ପ୍ରତିନିଧି ଦଳ ମଧ୍ୟ ଜିଲାପାଳ ଏବଂ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ଫେରାଦ ହୋଇଥିଲେ। ଉକ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ଏକ ଛେଳିଫାର୍ମ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଛେଳି ଗୁହାଳ ନିର୍ମାଣ କରିଛନ୍ତି । କିନ୍ତୁ ପ୍ରାଣୀ ଚିକିତ୍ସକମାନେ ସମୂହ ଛୁଟିରେ ରହିଥିବାରୁ ପରିଦର୍ଶନରେ ଆସୁନାହାନ୍ତି। ଫଳରେ ସେମାନେ ପ୍ରଥମ ପର୍ଯ୍ୟାୟ ରିହାତି ମଧ୍ୟ ଏପର୍ଯ୍ୟନ୍ତ ପାଇ ପାରି ନ ଥିବା ଗୋଷ୍ଠୀର ସଭାନେତ୍ରୀ ଆରତୀ ମହାରଣା, ସମ୍ପାଦିକା ବେଦମତୀ ଖଡ଼ିଆଙ୍କ ନେତୃତ୍ୱରେ ଅନ୍ୟ ସଦସ୍ୟାମାନେ କହିଛନ୍ତି।

ସେହିପରି ବିଜେପୁର ବ୍ଲକ ଅନ୍ତର୍ଗତ ବୁରୋମୁଣ୍ଡା ଗ୍ରାମର ମାଁ ଘଣ୍ଟେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟ ଅନୁରୂପ ଅଭିଯୋଗ କରିଛି । ସେମାନେ କରଜ କରି ୩୨ଟି ଛେଳି କିଣିସାରିଛନ୍ତି। ତେବେ ଉକ୍ତ ଗୋଷ୍ଠୀକୁ ପ୍ରଥମ ପର୍ଯ୍ୟାୟ ସରକାରୀ ସହାୟତା ମିଳିସାରି ଥିବାବେଳେ ପ୍ରାଣୀ ଚିକିତ୍ସକଙ୍କ ଆନ୍ଦୋଳନ ଯୋଗୁ ଦ୍ୱିତୀୟ ପର୍ଯ୍ୟାୟ ସହାୟତାରୁ ବଞ୍ଚିତ ଥିବା ସେମାନେ ଅଭିଯୋଗ କରିଛନ୍ତି । ଗୋଷ୍ଠୀର କଳନି ମଲ୍ଲିକ, ଶାନ୍ତିଲତା ବିଶି, ଉପମା ସାହୁ, ଯାମିନୀ ମଲ୍ଲିକ, ସଞ୍ଜୁଲତା ସାହୁ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳ ଏବଂ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟକୁ ଆସିଥିଲେ।

ଉଲ୍ଲେଖଯୋଗ୍ୟ, କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟରତ ପ୍ରାଣୀ ଚିକିତ୍ସକମାନଙ୍କ ସହ ସମାନ ପଦୋନ୍ନତି ସୁବିଧା, କେନ୍ଦ୍ର ହାରରେ ଏନ୍‌ପିଏ, ରାଜ୍ୟରେ ପ୍ରାଣୀ ଗଣନା ଓ ଜନସାଧାରଣଙ୍କ ଆବଶ୍ୟକତା ଆଧାରରେ ଡାକ୍ତର ପଦବୀ ସୃଷ୍ଟି, ଡାକ୍ତର ନିଯୁକ୍ତି, କ୍ୟାଡ଼ର ପୁନର୍ଗଠନ ଆଦି ଦାବି ନେଇ ପ୍ରାଣୀ ଚିକିତ୍ସା ସେବା ସଂଘ ଦୀର୍ଘଦିନରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଆସୁଛି । ମାତ୍ର ସେ ଦିଗରେ କିଛି ପଦକ୍ଷେପ ନେଉ ନ ଥିବା ଅଭିଯୋଗ କରି ସେମାନେ ସମୂହ ଛୁଟିକୁ ଓହ୍ଲାଇଛନ୍ତି। ପ୍ରାଣୀ ଚିକିତ୍ସକଙ୍କ ଆନ୍ଦୋଳନ ଯୋଗୁ ପ୍ରାଣୀ ଚିକିତ୍ସା ସେବା ଏବଂ ଅନ୍ୟ ବିଭାଗୀୟ କାର୍ଯ୍ୟ ପ୍ରଭାବିତ ହୋଇଛି ।



ବରଗଡ଼ ଜିଲାପାଳଙ୍କ ଅଫିସ ଆଗରେ ଚିନିକଳ କର୍ମଚାରୀଙ୍କ ଧାରଣା ଜାରି ରହିଛି ।

## ଚିନିକଳ କର୍ମଚାରୀଙ୍କ ଧାରଣାକୁ ଅଣଦେଖା

**ବରଗଡ଼,୮।୨(ପ୍ରେମାନନ୍ଦ ଖମାରୀ)**

ବକେୟା ଦରମା ପ୍ରଦାନ ଦାବିରେ ବରଗଡ଼ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଚାଲିଥିବା ଚିନିକଳ କର୍ମଚାରୀଙ୍କ ଧାରଣା ଗୁରୁବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ପ୍ରଥମ ଦିନ ଭଳି ଦ୍ୱିତୀୟ ଦିନରେ ମଧ୍ୟ କୌଣସି ଅଧିକାରୀ ଧାରଣାରତ କର୍ମଚାରୀଙ୍କ ପାଖକୁ ଆଲୋଚନା ପାଇଁ ପହଞ୍ଚି ନ ଥିବା ଚିନିକଳ କର୍ମଚାରୀମାନେ କହିଛନ୍ତି। ହକ୍ ଦାବି କରୁଥିବା କର୍ମଚାରୀଙ୍କ ଏଭଳି ଧାରଣାକୁ ପ୍ରଶାସନିକ ଅଧିକାରୀଙ୍କ ଅଣଦେଖାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘର ସାଧାରଣ ସମ୍ପାଦକ ସୁବ୍ରତ ସାହୁ କହିଛନ୍ତି। ଆବଶ୍ୟକ ହେଲେ ସଂଘ ଆନ୍ଦୋଳନକୁ ଆହୁରି ବ୍ୟାପକ କରିବ ବୋଲି ସେ ଚେତାବନୀ ଦେଇଛନ୍ତି। ପ୍ରକାଶଥାଉକି, ରାଜ୍ୟ ସରକାର ଚିନିକଳକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି। ମାତ୍ର ଚିନିକଳରେ କାର୍ଯ୍ୟ କରିଥିବା କର୍ମଚାରୀଙ୍କୁ ସେମାନଙ୍କ ୭୪ମାସର ଦରମା ଏଯାଏ ପ୍ରଦାନ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ବୁଧବାରଠାରୁ ଚିନିକଳ କର୍ମଚାରୀମାନେ ଧାରଣାକୁ ଓହ୍ଲାଇଛନ୍ତି । ବିଭିନ୍ନ ସଙ୍ଗଠନ ପକ୍ଷରୁ ଧାରଣାକୁ ସମର୍ଥନ କରାଯାଇଛି।

## ନାଗେଶ୍ୱର ପାଣି ପଞ୍ଚାୟତ କମିଟି ଗଠିତ

**ପଦ୍ମପୁର,୮।୨(ପ୍ରଦୀପ୍ତ ଦାଶ)**

ପଦ୍ମପୁର ବନ୍ଦେଶ୍ୱରୀ ନାଳା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ–୩ର ପାଣି ପଞ୍ଚାୟତ କମିଟି ଗଠନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଦର୍ଲିଗୁଡା, ତେନ୍ତୁଳିଖୁଣ୍ଟି ଓ ବାନ୍ଧୁପାଲି ଗ୍ରାମର ସେଚାଞ୍ଚଳ ଚାଷୀମାନଙ୍କୁ ନେଇ ତେନ୍ତୁଳିଖୁଣ୍ଟି କ୍ଲବ ଘରେ ପଦ୍ମପୁର କ୍ଷୁଦ୍ରଜଳସେଚନ ବିଭାଗର ଅଧିକାରୀମାନଙ୍କ ଉପସ୍ଥିତିରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ୩ଟି ଗ୍ରାମର ସଭ୍ୟମାନେ ଉପସ୍ଥିତ ରହି ନୂତନ ନାଗେଶ୍ୱର ପାଣିପଞ୍ଚାୟତ ପାଇଁ



ବୈଠକରେ ଉପସ୍ଥିତ ଅଧିକାରୀ ଓ ଚାଷୀ।

ନିର୍ବାହୀ କମିଟି ଗଠନ କରି ସର୍ବସମ୍ମତିକ୍ରମେ ସଭାପତି ଶୁଭେନ୍ଦୁ କୁମାର ସାମଲ, ସମ୍ପାଦକ କିଶୋର ଚନ୍ଦ୍ର ଦାଶ ଓ କୋଷାଧକ୍ଷ ଭାବେ ରୋହିତ କୁମାର ସାହୁଙ୍କୁ ମନୋନୀତ କରିଥିଲେ। ବିଭାଗୀୟ ସହକାରୀ ଯନ୍ତ୍ରୀ କଳ୍ପନା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ତ୍ରୀଙ୍କୁ ନିର୍ଯାତନା, ଅଶ୍ଳୀଳ ଫଟୋ ଭାଇରାଲ: ସ୍ୱାମୀ ଗିରଫ

**ବେଲପଡ଼ା, ୮।୧(ମନୋଜ କୁମାର ମିଶ୍ର)**

ସ୍ତ୍ରୀଙ୍କୁ ନିର୍ଯାତନା ଦେବା ସହ ତାଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରିବା ଅଭିଯୋଗରେ ବଲାଙ୍ଗୀର ଜିଲା ବେଲପଡ଼ା ଥାନା ପୋଲିସ ସମ୍ପୃକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ରାଷ୍ଟ୍ର ବେହେରା(୪୨)। ରାଷ୍ଟ୍ରଙ୍କୁ କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ରାଷ୍ଟ୍ର ତାଙ୍କ ସ୍ତ୍ରୀଙ୍କୁ ନିର୍ଯାତନା ଦେବା ସହ ମାଡ ମାରୁଥିଲେ। ତାଙ୍କ ଅଶ୍ଳୀଳ ଫଟୋ ମଧ ସାମାଜିକ ଗଣମାଧମରେ ଭାଇରାଲ କରି ଦେଉଥିଲେ।

## ପରଲୋକରେ ଧବଳେଶ୍ୱରୀ



ଧବଳେଶ୍ୱରୀ ଦୁଆନ ।

**ବରଗଡ଼,୮।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ବାଞ୍ଜିପାଲି ଗ୍ରାମର ଧର୍ମପ୍ରାଣା ମହିଳା ଧବଳେଶ୍ୱରୀ ଦୁଆନଙ୍କ ଗୁରୁବାର ପରଲୋକ ହୋଇଛି। ତାଙ୍କୁ ୭୯ବର୍ଷ ହୋଇଥିଲା। ସେ ବର୍ଷୀୟାନ କମ୍ୟୁନିଷ୍ଟ ନେତା ନେତ୍ରାନନ୍ଦ ଦୁଆନଙ୍କ ସ୍ତ୍ରୀ । ଗତ ୩ବର୍ଷ ହେଲା ସେ ପକ୍ଷାଘାତ ରୋଗରେ ଶଯ୍ୟାଶାୟୀ ଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଗଭୀର ଶୋକପ୍ରକାଶ ପାଇଛି। ପୁଅ ଲେଲିନ କେଶରୀ ମୁଖାଗ୍ନି ଦେଇଥିଲେ।

## ପ୍ରଚାର ପୁସ୍ତିକାରେ ଜୀବିତଙ୍କୁ ମୃତ

**ବରଗଡ଼,୮।୨(ପ୍ରେମାନନ୍ଦ ଖମାରୀ)**

ରାଜ୍ୟର ପ୍ରତ୍ୟେକ ବ୍ଲକ ମୋ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଚାଲିଛି। ଉକ୍ତ କାର୍ଯ୍ୟକ୍ରମରେ ସରକାରଙ୍କ ବିଭିନ୍ନ ଯୋଜନା ଏବଂ ଯୋଜନାରୁ ଉପକୃତ ହୋଇଥିବା ଲୋକଙ୍କ ବାର୍ତ୍ତା ଭାବେ ଦର୍ଶାଇ ପ୍ରଚାର ପୁସ୍ତିକା ବଣ୍ଟନ କରାଯାଉଛି । ତେବେ ବରଗଡ଼ ଜିଲା ଅମ୍ବାଭୋନା ବ୍ଲକରେ ଅନୁଷ୍ଠିତ ଏଭଳି ଏକ କାର୍ଯ୍ୟକ୍ରମରେ ବଣ୍ଟନ ପ୍ରଚାର ପୁସ୍ତିକାରେ ଗୁରୁତର ତ୍ରୁଟି ସାମ୍ନାକୁ ଆସିଛି। ଉକ୍ତ ବ୍ଲକ ଅନ୍ତର୍ଗତ ବଡ଼ ଦର୍ଲିପାଲି ଗ୍ରାମର ତେଜକୁଅଁର ପଟେଲ ସଧବା ହୋଇଥିବାବେଳେ ତାଙ୍କୁ ବିଧବା ଉଲ୍ଲେଖ କରାଯାଇଛି। ସେହିପରି ସେ ଛତିଶଗଡ଼ ରାଜ୍ୟ ସାରଙ୍ଗଗଡ଼ର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଆରୋଗ୍ୟ ଲାଭ କରିଥିଲେ ଏବଂ ବିଏସ୍‌କେୱାଇ କାର୍ଡରେ ବରଗଡ଼ର ଏକ ଘରୋଇ ହସ୍ପିଟାଲରେ ସେ ଚିକିତ୍ସିତ ହୋଇଥିବା ପ୍ରଚାର ପୁସ୍ତିକାରେ ଦର୍ଶାଯାଇଛି। ଏହା ଜାଣିବା ପରେ ତେଜକୁଅଁରଙ୍କ ମନ ଭାଙ୍ଗି ପଡ଼ିଛି। ତାଙ୍କ ସ୍ୱାମୀ ତୁଳାରାମ ପଟେଲ ଏବେ ମଧ୍ୟ ଜୀବିତ ଥିବାବେଳେ ପକ୍ଷାଘାତ ଯୋଗୁ ଶଯ୍ୟାଶାୟୀ ଅଛନ୍ତି। ତେଜକୁଅଁର ତାଙ୍କ ସେବାଶୁଶ୍ରୂଷା କରୁଛନ୍ତି। ତୁଳାରାମ ରୁଚିଦା ପଞ୍ଚାୟତର ସମ୍ପାଦକ ଭାବେ ମଧ୍ୟ କାର୍ଯ୍ୟରତ ଥିଲେ। ଅନ୍ୟପଟେ ପ୍ରିଣ୍ଟିଂରେ ଭୁଲ୍ ଯୋଗୁ ସେଭଳି ତ୍ରୁଟି ପରିଲକ୍ଷିତ ହୋଇଛି ଏବଂ ସେଥିପାଇଁ ସେ ଦୁଃଖିତ ବୋଲି ଅମ୍ବାଭୋନା ବିଡିଓ ଶଙ୍କର ବାଗ କହିଛନ୍ତି।

## ବରଗଡ଼ ପୋଲିସର ଜନସମ୍ପର୍କ ଶିବିର





ଜନ ସମ୍ପର୍କ ଶିବିରରେ ଉପସ୍ଥିତ ଅତିଥି ବୃନ୍ଦ ଓ ଅନ୍ୟମାନେ।

**ଝାରବନ୍ଧ,୮।୨ (ଦେବେନ୍ଦ୍ର ସାହୁ)**

ବରଗଡ଼ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ଝାରବନ୍ଧ ଥାନା ଭୈଷାଦରହା ଏବଂ ସରଗୁଲ ଠାରେ ଗୁରୁବାର ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବରଗଡ଼ ଜିଲା ପୋଲିସ ଅଧୀକ୍ଷକ ପ୍ରହଲ୍ଲାଦ ସହାଇ ମିନା ମୁଖ୍ୟ ଅତିଥିଭାବେ ଯୋଗଦେଇ ପୋଲିସ ସହ ଜନ ସାଧାରଣଙ୍କୁ ସମ୍ପର୍କ ସ୍ଥାପନ କରିବା ପାଇଁ ଆହ୍ୱାନ କରିଥିଲେ। ଏହା ଦ୍ୱାରା ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପ ରୋକା ଯାଇପାରିବ ବୋଲି ମତ ବ୍ୟକ୍ତ କରିଥିଲେ। ଯୁବ ସମାଜକୁ ଉତ୍ସାହିତ କରିବା ପାଇଁ ଖେଳ ସାମଗ୍ରୀ, ବୃଦ୍ଧା ବୃଦ୍ଧଙ୍କୁ ଶାଢ଼ି, ଧୋତି, କମ୍ବଳ ଆଦି ପ୍ରଦାନ କରିଥିଲେ। ଏହି ଅବସରରେ ଡା. ପ୍ରହଲ୍ଲାଦ ମେହେର, ଡା. ସୁଜିତ ବୁଟକିଆ, ଡା. ବେଦପ୍ରକାଶ ନେଟି, ଉମାକାନ୍ତ ବାଗଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ଏହି ଶିବିରକୁ ଉପକଣ୍ଠ ପୋଲିସ ଅଧିକାରୀ ବିଭୂତି ଭୂଷଣ ଭୋଇ, ଝାରବନ୍ଧ ଥାନା ଅଧିକାରୀ ସୁଚିସ୍ମିତା ମହାନ୍ତି, ଏଏସଆଇ ଶଶୀକାନ୍ତ ବାରିକ, ଏଏସଆଇ ସମାରୁ ନାଗ ପ୍ରମୁଖ ଉପସ୍ଥିତ ଥିଲେ।

## ଅଧିଗ୍ରହଣ କରି କେତେ କ୍ଷତି ହେଲା ତଥ୍ୟ ମିଳୁନି

**ବେଦାନ୍ତ ବିଶ୍ୱବିଦ୍ୟାଳୟ ଜମି ଅଧିଗ୍ରହଣ ପ୍ରସଙ୍ଗ**

**ବଲାଙ୍ଗୀର, ୮।୨ (ବୀରେନ୍ଦ୍ର କୁମାର ଝାଙ୍କର)**

ଅନୀଲ ଅଗ୍ରୱାଲ ଫାଉଣ୍ଡେସନର ବେଦାନ୍ତ ବିଶ୍ୱବିଦ୍ୟାଳୟ ପାଇଁ ସମୁଦାୟ ୪୬୮୮ ଏକର ୧୯ ଡେସିମିଲ ଜମି ଅଧିଗ୍ରହଣ କରାଯାଇଥିଲା। ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ଅନ୍ତର୍ଗତ ଜମି ଅଧିଗ୍ରହଣ ବିଭାଗ ପକ୍ଷରୁ ଏହି ସୂଚନା ପ୍ରଦାନ କରାଯାଇଛି । ଏହା ମଧ୍ୟରୁ ୪୧୭୮ ଏକର ୯୨ ଡେସିମିଲ ଘରୋଇ ଜମି ଅଧିଗ୍ରହଣ କରାଯାଇ ଥିବାବେଳେ ୫୦୯ ଏକର ୨୭ ଡେସିମିଲ ସରକାରୀ ଜମି ରହିଥିବା ଦର୍ଶାଯାଇଛି । ଜମି ଅଧିଗ୍ରହଣ ବାବଦକୁ ରାଜ୍ୟ ରାଜକୋଷରୁ କେତେ ଟଙ୍କା ଖର୍ଚ୍ଚ କରାଯାଇଥିଲା ସେହି ତଥ୍ୟ ସମ୍ପୃକ୍ତ କାର୍ଯ୍ୟାଳୟରେ ଉପଲବ୍ଧ ନଥିବା କୁହାଯାଇଛି । ବେଦାନ୍ତ ବିଶ୍ୱବିଦ୍ୟାଳୟ ପାଇଁ ଅଧିଗ୍ରହଣ କରାଯାଇଥିବା ଜମିରୁ କେତେ ଜମି ସମ୍ପୃକ୍ତ ଲୋକଙ୍କୁ ଫେରାଇ ଦିଆଯାଇଛି ଏହାକୁ ନେଇ ମଧ କୌଣସି ତଥ୍ୟ ଦିଆଯାଇନାହିଁ । ବଲାଙ୍ଗୀରର ବିଶିଷ୍ଟ ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡା ଏହି ତଥ୍ୟ ଦେଇଛନ୍ତି।

ସୂଚନା କର୍ମୀ ପଣ୍ଡା କହିଛନ୍ତି ଯେ, ପୁରୀରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସରକାର ଅଧିଗ୍ରହଣ କରିଥିବା ଜମି ସଂକ୍ରାନ୍ତୀୟ ତଥ୍ୟ ପାଇଁ ସେ ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ପ୍ରମୁଖ ଶାସନ ସଚିବଙ୍କ କାର୍ଯ୍ୟାଳୟକୁ ସୂଚନା ଅଧିକାର ଆଇନ ଯୋଗେ ଆବେଦନ କରିଥିଲେ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗରେ ଏହି ତଥ୍ୟ ନ ଥିବା କୁହାଯାଇ ପଣ୍ଡାଙ୍କ ଆବେଦନକୁ ଇଡକୋ ଓ ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯାଇଥିଲା । ଇଡକୋ ଓଡ଼ିଶା ପକ୍ଷରୁ ଏକ ତଥ୍ୟରେ ବେଦାନ୍ତ ପାଇଁ କୌଣସି ଜମି ଅଧିଗ୍ରହଣ କରାଯାଇ ନଥିବା ତଥ୍ୟ ଦିଆଯାଇଥିବା ବେଳେ ସମାନ ତାରିଖ ଏବଂ ପତ୍ର ସଂଖ୍ୟା ରହିଥିବା ଆଉ ଏକ ପତ୍ରରେ ଏଭଳି ତଥ୍ୟ ନାହିଁ ବୋଲି ସୂଚନା ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟର ଜମି ଅଧିଗ୍ରହଣ ବିଭାଗ ମଧ ସମ୍ପୂର୍ଣ୍ଣ ସୂଚନା ପ୍ରଦାନ କରିନାହିଁ । ରାଜ୍ୟର ଉଚ୍ଚ ନ୍ୟାୟାଳୟ ଓ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ବେଦାନ୍ତ ବିଶ୍ୱବିଦ୍ୟାଳୟ ପାଇଁ କରାଯାଇଥିବା ଜମି ଅଧିଗ୍ରହଣକୁ ରଦ୍ଦ କରିଛନ୍ତି । ଏତାସତ୍ତ୍ୱେ ଜମି ଅଧିଗ୍ରହଣକୁ ନେଇ ଜନହିତରେ ସମସ୍ତ ତଥ୍ୟକୁ ସାର୍ବଜନୀନ କରିବା ପାଇଁ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ବୋଲି ସୂଚନା ଅଧିକାରୀ କର୍ମୀ ପଣ୍ଡା କହିଛନ୍ତି ।

## କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ

**ବରଗଡ଼,୮।୨(ପ୍ରେମାନନ୍ଦ ଖମାରୀ)**

ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନ୍ସ ଅନ୍ତର୍ଗତ ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସରେ ଯଦୁମଣି ଶେଖର ବଛା ସ୍ମାରକୀ ଆନ୍ତଃ ଛାତ୍ରାବାସ କ୍ରିକେଟ ପ୍ରତିଯୋଗିତା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ୫ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାରେ ବିକାଶ ଷ୍ଟ୍ରାଇକର୍ସ, ଟିଚର୍ସ ଇଲେଭେନ୍ସ, ଥଣ୍ଡର୍ସ, ରାଇଜିଙ୍ଗ ଷ୍ଟାର, ପାଇରେଟ୍ସ ଇଲେଭେନ୍ ଏବଂ ଇଲେଭେନ ଷ୍ଟାର ଦଳ ଅଂଶଗ୍ରହଣ କରିଛନ୍ତି। ବିକାଶ ଗ୍ରୁପର ଏକ୍ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ସ୍ୱର୍ଗତ ଯଦୁମଣି ଶେଖର ବଛାଙ୍କ ପ୍ରତିଛବିରେ ମାଲ୍ୟାର୍ପଣ ସହିତ ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ବିକାଶ ସ୍କୁଲର ଅଧକ୍ଷ ଡ. ବିକ୍ରମ କୁମାର ଦାଶ ସ୍ୱାଗତ



ବିକାଶରେ କ୍ରିକେଟ ପ୍ରତିଯୋଗିତା ଉଦଘାଟନ କରାଯାଉଛି ।

ଭାଷଣ ଦେଇଥିଲେ। ଅଧ୍ୟାପକ ସୁରଜ ପଣ୍ଡା ସଭା ସଂଯୋଜନା କରିଥିଲେ। ବିକାଶ ସ୍କୁଲ ଅଫ ବିଜିନେସ୍ ମ୍ୟାନେଜମେଣ୍ଟର ଅଧକ୍ଷ ଡ. କ୍ଷୀରୋଦ ପ୍ରଧାନ, ବିକାଶ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିର ଅଧକ୍ଷ ଇଂ ଅଜୟ ମହାପାତ୍ର, ବିକାଶ ଡିଗ୍ରୀ କଲେଜର ଅଧକ୍ଷ ପ୍ରଫେସର ସତ୍ୟବ୍ରତ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ବିକାଶ ଡିଗ୍ରୀ କଲେଜର ଉପାଧକ୍ଷ ଆର.ଏସ.ଭି କ୍ରୀଷ୍ଣା ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ

**ବରଗଡ଼,୮।୨(ପ୍ରେମାନନ୍ଦ ଖମାରୀ)**

ମିଶନ ଶକ୍ତି ଅଧୀନରେ ପରିଚାଳିତ ହେଉଥିବା ପଞ୍ଚାୟତ ସ୍ତରୀୟ ବିସିଏ( ବିଜିନେସ୍ କରେସପଣ୍ଡେଣ୍ଟ ଏଜେଣ୍ଟ)ଙ୍କୁ କୌଣସି ପ୍ରକାର ମାସିକ ପ୍ରାପ୍ୟ ମିଳୁ ନ ଥିବା ଅଭିଯୋଗ ହୋଇଛି। ଗୁରୁବାର ବିସିଏମାନେ ଜିଲାପାଳ ଆଦିତ୍ୟ ଗୋୟଲଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି, ଗତ ୩ବର୍ଷ ହେଲା ଗ୍ରାମାଞ୍ଚଳରେ ରହିଥିବା ଅସହାୟ ବୃଦ୍ଧା, ବୃଦ୍ଧ, ଦିବ୍ୟାଙ୍ଗ, ଶଯ୍ୟାଶାୟୀ ପେନସନ ଭୋଗୀ ହିତାଧିକାରୀଙ୍କୁ ବିସିଏମାନେ ନିରବଚ୍ଛିନ୍ନଭାବେ ବ୍ୟାଙ୍କ ସେବା ଯୋଗାଇ ଦେଇ ଆସୁଛନ୍ତି। ଏଥିପାଇଁ ସେମାନେ



ଜିଲାପାଳଙ୍କୁ ଫେରାଦ ହୋଇଥିବା ବିସିଏବୃନ୍ଦ ।

ସରକାରଙ୍କ ପକ୍ଷରୁ ଆବଶ୍ୟକ ପ୍ରଶିକ୍ଷଣ ମଧ ନେଇଛନ୍ତି। ହେଲେ ସେମାନଙ୍କୁ କୌଣସି ପ୍ରାପ୍ୟ ପ୍ରଦାନ କରାଯାଉ ନଥିବା ବିସିଏମାନେ ଅଭିଯୋଗ କରିଛନ୍ତି ।

ଅନ୍ୟପଟେ ପଞ୍ଚାୟତରେ ରହିଥିବା ମିଶନ ଗୃହରେ ଏକ ବ୍ୟାଙ୍କ ନିର୍ମାଣ କରି ସିଏସପି ପ୍ଲସ ସଦସ୍ୟଙ୍କୁ ନିଯୁକ୍ତି ଦିଆଯାଇ ଥିବାବେଳେ ବିସିଏମାନଙ୍କୁ ସେଥିରେ ସାମିଲ କରାଯାଇ ନ ଥିବା ମଧ ଅଭିଯୋଗ ହୋଇଛି। ସେହିପରି କେଉଁଠି ବ୍ୟାଙ୍କମିତ୍ର ତ ଆଉ କେଉଁଠାରେ ଆମ ବ୍ୟାଙ୍କ ଖୋଲି ସେଥିରେ ଅନ୍ୟ ସଦସ୍ୟଙ୍କୁ ନିଯୁକ୍ତି ଦିଆଯାଉଥିବା ଅଭିଯୋଗ ହୋଇଛି। ଏଭଳି ସ୍ଥିତିରେ ସେମାନଙ୍କୁ ଆମ ବ୍ୟାଙ୍କରେ ସାମିଲ କରାଯିବା କିମ୍ବା ମାସିକ ପ୍ରୋତ୍ସାହନ ରାଶି ପ୍ରଦାନ ପାଇଁ ବିସିଏମାନେ ସ୍ମାରକପତ୍ରରେ ଦାବି କରିଛନ୍ତି। ଜୟନ୍ତୀ ବରିହା, ରେବତୀ ମଲ୍ଲିକ, ସୀମା ଭୋଇ ପ୍ରମୁଖ ସ୍ମାରକପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନାବାଳିକାଙ୍କୁ ଅପହରଣ, ବଳାତ୍କାର ଅଭିଯୋଗ

ରାଉରକେଲା, ୮।୨(ସଙ୍ଗୀତା ଜେନା): ଉଦିତନଗର ଥାନା ଅଞ୍ଚଳର ସମାନ ବସ୍ତିର ଜଣେ ୯ମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ ସହ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଗୁରୁବାର ଉକ୍ତ ନାବାଳିକାଙ୍କ ଡାକ୍ତରୀ ମାଇନା କରାଇଛି। ଏଥିସହ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ତଦନ୍ତ କରୁଛି। ସୂଚନା ଅନୁସାରେ, ବୁଧବାର ସନ୍ଧ୍ୟାରେ ଉକ୍ତ ନାବାଳିକା ଜଣଙ୍କ ଘର ଦାଣ୍ଡରେ ବସିଥିବା ବେଳେ ତାଙ୍କ ମା’ ଘରେ ଟିଭି ଦେଖୁଥିଲେ। କିଛି ସମୟ ପରେ ଝିଅ ଦାଣ୍ଡରେ ନ ଥିବା ଦେଖି ତାଙ୍କୁ ଫୋନ୍ କରିଥିଲେ ମଧ୍ୟ କୌଣସି ଉତ୍ତର ପାଇ ନ ଥିଲେ। ଗୁରୁବାର ସକାଳେ ଅନ୍ୟ ଲୋକଙ୍କ ଫୋନ୍‌ରେ ଯୋଗାଯୋଗ କରାଯିବାରୁ ଉକ୍ତ ନାବାଳିକା ଫୋନ୍ ଉଠାଇଥିଲେ ଏବଂ କିଛି ସମୟ ପରେ ଘରକୁ ଫେରି ତାଙ୍କୁ ବଳାତ୍କାର କରାଯାଇଥିବା କହିଥିଲେ। ପରେ ନାବାଳିକାଙ୍କ ମା’ ଉଦିତନଗର ଥାନାରେ ଏତଲା ଦେଇଥିଲେ।

### ମହିଳାଙ୍କୁ ମରଣାନ୍ତକ ଆକ୍ରମଣ, ୨ ଗିରଫ

ରାଉରକେଲା, ୮।୨(ସଙ୍ଗୀତା ଜେନା): ଉଦିତନଗର ଥାନା ମାଲଗୋଦାମ ଅଞ୍ଚଳରେ ଜଣେ ମହିଳାଙ୍କ ଘରେ ପଶି ମୋବାଇଲ ଚୋରି ବେଳେ ୨ ଜଣ ବ୍ୟକ୍ତି ଧରାପଡ଼ିଥିଲେ। ଏହି ଘଟଣାକୁ କେନ୍ଦ୍ର କରି ମୋବାଇଲ ଚୋର ଉକ୍ତ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ମାଲଗୋଦାମ ଅଞ୍ଚଳର ମୁମତାଜ ଆଲାମ ଓ ଇମତିଆଜ୍ ଆଲାମ୍। ଏ ନେଇ ପୋଲିସ ଏକ ମାମଲା (ନଂ.୧୧୩/୨୪) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ଗୁରୁବାର କୋର୍ଟଚାଲାଣ କରିଛି।

### ଯାଜ୍ଞସେନୀର ସାହିତ୍ୟ ସନ୍ଧ୍ୟା
#### ପୁସ୍ତକ ମେଳାର ସପ୍ତମ ଦିବସ

ରାଉରକେଲା, ୮।୧୨(ବିପ୍ଳବ ରଞ୍ଜନ ଦାଶ): ଆଦର୍ଶ ପାଠାଗାର ଆୟୋଜିତ ୨୯ତମ ରାଉରକେଲା ପୁସ୍ତକମେଳାର ଗୁରୁବାର ସପ୍ତମ ଦିବସରେ ଯାଜ୍ଞସେନୀର ସାହିତ୍ୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ରଶ୍ମିବାଳା ରାଉତରାୟଙ୍କ ପୋରୋହିତ୍ୟରେ ଆୟୋଜିତ ଏହି ସନ୍ଧ୍ୟାରେ ଡ. କିଶୋରୀ ଦାଶ ମୁଖ୍ୟ ଅତିଥି, ମଞ୍ଜୁଳା ରଥ ଓ ସୁସ୍ମିତା ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରୀ କବିତା ପାଠ କରିଥିଲେ। ସେହିପରି ସେକ୍ଟର ୬ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରୀ ନାରୀଶିକ୍ଷା ଓ ଅନ୍ଧବିଶ୍ୱାସ ସମ୍ପର୍କୀତ ଏକ କ୍ଷୁଦ୍ର ନାଟକ ‘ଆସ୍ଥା’ ପରିବେଷଣ କରିଥିଲେ। କୁନି ବାଳକ ସ୍ୱୟଂ ପ୍ରକାଶ ମହାରଣା ମା’ ସମ୍ପର୍କରେ କବିତା ପାଠ କରିଥିଲେ। ଶେଷରେ ଉପଦେଷ୍ଟା ବିଜୟଲକ୍ଷ୍ମୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ଅଶୋକ କୁମାର ଜେନା, ସବିତା ମହନ୍ତ, ବସନ୍ତ କୁମାର ଦାସ, ଗୋପୀନାଥ ପଟ୍ଟନାୟକ, ରାଧାକାନ୍ତ ମିଶ୍ର, ସାଧାରଣ ସମ୍ପାଦକ ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆ, ଡ. ସନାତନ ପ୍ରଧାନ, ଟୁକୁଲା ପାଢ଼ୀ, ବିଜୟ ପାତ୍ର, କୁଞ୍ଜବିହାରୀ ରାଉତ, ପର୍ଶୁରାମ ପଟ୍ଟନାୟକ, ଦୀନବନ୍ଧୁ ରଥ, ମନୋଜ କୁମାର ପଣ୍ଡା, ଟି. ମଧୁସୂଦନ ପ୍ରମୁଖ ସହଯୋଗ କରିଥିଲେ।

# ବିନା ଏନ୍‌ଓସିରେ ଚାଲିଛି ବେସରକାରୀ ସ୍କୁଲ

ରାଉରକେଲା,୮।୨(ବିପ୍ଳବ ରଞ୍ଜନ ଦାଶ)



ବିଶ୍ରା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ।

ରାଉରକେଲା ସହରରେ ବେସରକାରୀ ବିଦ୍ୟାଳୟ ସଂଖ୍ୟା ଦିନକୁ ଦିନ ହୁ ହୁ ହୋଇ ବଢ଼ିବାରେ ଲାଗିଛି। ତେବେ ଉକ୍ତ ସ୍କୁଲଗୁଡ଼ିକ ଆବଶ୍ୟକ ସରକାରୀ ମାନଦଣ୍ଡ ପୂରଣ କରୁ ନ ଥିବାରୁ ସେମାନଙ୍କୁ ଏନ୍‌ଓସି ମିଳିପାରୁନାହିଁ। ଫଳରେ ରାଉରକେଲାରେ ୪୦ ପ୍ରତିଶତ ବେସରକାରୀ ସ୍କୁଲ ବିନା ଏନ୍‌ଓସିରେ ଚାଲିଛି। ଏହାଦ୍ୱାରା ସରକାରୀ ସ୍କୁଲ ପ୍ରଭାବିତ ହେଉଛି।

ସୂଚନା ଅନୁସାରେ, ରାଉରକେଲା ଶିକ୍ଷା ବିଭାଗ ଅଧୀନ ବିଶ୍ରା ଶିକ୍ଷାଞ୍ଚଳରେ ମୋଟ ୩୧୭ଟି ସରକାରୀ ଓ ବେସରକାରୀ ସ୍କୁଲ ରହିଛି। ସରକାରୀ ପ୍ରାଇମେରୀ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୩୪ହଜାର ପିଲା ପଢୁଛନ୍ତି। ସେହିପରି ବେସରକାରୀ ସ୍କୁଲରେ ୩୩ହଜାରରୁ ଊର୍ଦ୍ଧ୍ୱ ପିଲା ଅଧ୍ୟୟନ କରୁଛନ୍ତି। ୨୦୧୯-୨୦ ଶିକ୍ଷାବର୍ଷରେ ବେସରକାରୀ ସ୍କୁଲରେ ପିଲାଙ୍କ ଉପସ୍ଥାନ ସଂଖ୍ୟା ୨୩ହଜାର ଥିବାବେଳେ ୨୦୨୩ରେ ୧୦ହଜାର ବୃଦ୍ଧି ହୋଇଛି। ସେହିପରି ସରକାରୀ ସ୍କୁଲରେ ୨୦୧୯-୨୦ରେ ୨୪ହଜାର ପିଲା ଥିବା ବେଳେ ୩ବର୍ଷରେ ୧୦ହଜାର ବଢ଼ିଛି। ବିଶ୍ରା ଶିକ୍ଷାଞ୍ଚଳରେ ମୋଟ ୧୨୪ ବେସରକାରୀ ସ୍କୁଲ ଥିବା ବେଳେ ବର୍ତ୍ତମାନ ସେଥିରୁ ୪୦ପ୍ରତିଶତ ସ୍କୁଲ ବିନା ଏନ୍‌ଓସିରେ ଚାଲୁଥିବା ବିଭାଗ ସୂତ୍ରରୁ ଜଣାପଡ଼ିଛି। ବେସରକାରୀ ବିଦ୍ୟାଳୟକୁ ଏନ୍‌ଓସି ପାଇବା ପାଇଁ ହେଲେ ସ୍କୁଲରେ ତାଲିମପ୍ରାପ୍ତ କୁଶଳୀ ଶିକ୍ଷକ, ସ୍କୁଲ ନାଁରେ ଜମି, ନାମଲେଖା ପାଇଁ ୨୫ପ୍ରତିଶତ ଫି ଆଦାୟ ଭିତିକ ସରକାରୀ ଅନୁମୋଦନ ପ୍ରମାଣପତ୍ର, ଶିକ୍ଷକଙ୍କ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ଏବଂ ସ୍କୁଲ ପରିଚାଳନା କମିଟି ଆଦି ରାଇଟ୍ ଟୁ ଏଜୁକେଶନ ଆକ୍ଟ ଅନୁଯାୟୀ ୫୧ଟି ମାନଦଣ୍ଡ ପୂରଣ କରୁଥିବା ଆବଶ୍ୟକ। ମାତ୍ର ଏସବୁ ମାନଦଣ୍ଡ ଅଭାବରୁ ବାରମ୍ବାର ଆବେଦନ ସତ୍ତ୍ୱେ ବିଶ୍ରା ଶିକ୍ଷାଞ୍ଚଳର ଅନେକ ସରକାରୀ ବିଦ୍ୟାଳୟ ଗୁଡ଼ିକୁ ଏନ୍‌ଓସି ମିଳିପାରୁନାହିଁ। ଏନଓସି ପାଇ ନ ଥିବା ସ୍କୁଲଗୁଡ଼ିକୁ ଆବଶ୍ୟକ ମାନଦଣ୍ଡ ପ୍ରସ୍ତୁତ କରିବା ପାଇଁ ନୋଟିସ ମଧ୍ୟ ଜାରି ହେଉଛି। ମାତ୍ର ବର୍ଷ ବର୍ଷ ଧରି ଏହି ସ୍କୁଲଗୁଡ଼ିକ ସେ ଦିଗରେ ଧ୍ୟାନ ଦେଉନାହାନ୍ତି। ଅନ୍ୟପଟେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ବେସରକାରୀ ସ୍କୁଲଗୁଡ଼ିକ ବିନା ଏନ୍‌ଓସିରେ ଚାଲୁଛି। ତେଣୁ ଏହାର ସିଧାସଳଖ ପ୍ରଭାବ ସରକାରୀ ସ୍କୁଲ ଉପରେ ପଡୁଥିବା ଅଭିଯୋଗ ହେଉଛି। ଏ ନେଇ ବିଶ୍ରା ଶିକ୍ଷାଧିକାରୀ ବେଣୁଧର ସ୍ୱାଇଁଙ୍କୁ ପଚାରିବାରୁ ସେ କହିଲେ, ଆଗକୁ ଏନ୍‌ଓସି ନ ଥିବା ପ୍ରାଇଭେଟ ସ୍କୁଲଗୁଡ଼ିକୁ ତୃଣମୂଳ ସ୍ତରରେ ଯାଞ୍ଚ କରାଯିବ। ଆଗକୁ ସରକାରୀ ସ୍କୁଲ ପ୍ରତି ପିଲାମାନଙ୍କ ଆଗ୍ରହ ବୃଦ୍ଧି ପାଇଁ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

# ସ୍କୁଲ ପିଲାଙ୍କୁ ମିଳିବ କ୍ଷୀର ଉପହାର



ସ୍ୱାକ୍ଷରିତ ବୁଝାମଣାପତ୍ର ପ୍ରଦର୍ଶନ କରାଯାଉଛି।

ରାଉରକେଲା,୮।୨(ବିପ୍ଳବ ରଞ୍ଜନ ଦାଶ)

#### ଏନ୍‌ଡିଡିବି-ଜିଲା ପ୍ରଶାସନ ବୁଝାମଣାପତ୍ର ସ୍ୱାକ୍ଷରିତ

ରାଉରକେଲା ଶିଳ୍ପାଞ୍ଚଳର ସ୍କୁଲ ପିଲାମାନଙ୍କୁ ଆର୍‌ଏସ୍‌ପିର ସିଏସଆର ପ୍ରୟାସ ମାଧ୍ୟମରେ ମିଳିବାକୁ ଯାଉଛି କ୍ଷୀର ଉପହାର। ପିଲାଙ୍କୁ ସୁସ୍ୱାଦୁ କ୍ଷୀର ପ୍ୟାକେଟ ପ୍ରଦାନ କରିବା ପାଇଁ ନ୍ୟାଶନାଲ ଡାଏରୀ ଡେଭଲପମେଣ୍ଟ ବୋର୍ଡ ଫର ନ୍ୟୁଟ୍ରିଶନ (ଏନ୍‌ଡିଡିବି) ଆନନ୍ଦ, ଗୁଜରାଟ ଏବଂ ଜିଲା ପ୍ରଶାସନ ମଧ୍ୟରେ ଏ ନେଇ ଏକ ନୂତନ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। କାର୍ଯ୍ୟକ୍ରମରେ ଆର୍‌ଏସ୍‌ପି ସହର ସିଏସ୍‌ଆର ବିଭାଗର ସିଜିଏମ୍ ପି. କେ. ସ୍ୱାଇଁ, ଏନ୍‌ଏଫ୍‌ଏନ୍ ତରଫରୁ ନିର୍ବାହୀ ନିର୍ଦ୍ଦେଶକ ଏସ୍. ରେଗପଥି ଓ ସୁନ୍ଦରଗଡ ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୁଝାମଣା ଆସନ୍ତା ମାର୍ଚ୍ଚ ୩୧ରେ ଶେଷ ହେବାକୁ ଯାଉଥିବା ବେଳେ ଆର୍‌ଏସ୍‌ପିର ଏହି ନୂତନ ସିଏସ୍‌ଆର ପଦକ୍ଷେପ ନୂତନ ବୁଝାମଣା ମାର୍ଗ ପ୍ରଶସ୍ତ କରିଛି।୨୦୨୩ ଡିସେମ୍ବର ମାସରେ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକଙ୍କ ମାର୍ଗଦର୍ଶନରେ ଏହି ପ୍ରକଳ୍ପ ଶୁଭାରମ୍ଭ ହୋଇଥିଲା। ଏହି ନୂତନ ବୁଝାମଣା ୨୦୨୪ ଏପ୍ରିଲ ୧ରୁ ୨୦୨୫ ମାର୍ଚ୍ଚ ୩୧ତାରିଖ ଯାଏ ଏକ ବର୍ଷ ପାଇଁ କାର୍ଯ୍ୟକାରୀ ହେବ। ଏ ନେଇ ଆରଏସପି ଏକବର୍ଷ ପାଇଁ ୬୦ଲକ୍ଷ ଟଙ୍କା ବହନ କରିବ। ଅନ୍ୟପଟେ ନୂତନ ବୁଝାମଣାରେ କାର୍ଯ୍ୟକ୍ରମ ପରିସୀମା ବୃଦ୍ଧି କରାଯାଇଛି। ବିଦ୍ୟାଳୟ ସଂଖ୍ୟା ୨୦ରୁ ୨୮କୁ ବୃଦ୍ଧି କରାଯାଇଛି ଓ ହିତାଧିକାରୀ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୧୧୫୦ରୁ ୧୪୭୦କୁ ବୃଦ୍ଧି ହୋଇଛି। ସ୍କୁଲ ପିଲାଙ୍କୁ ପ୍ରତେକ ଦିନ ୨ଶହ ମିଲିଲିଟର କ୍ଷୀର ପ୍ରଦାନ କରାଯିବ। ସରକାରୀ ବିଦ୍ୟାଳୟରେ ଅଧ୍ୟୟନରତ ପିଲାଙ୍କ ମଧ୍ୟରେ ପୁଷ୍ଟିହୀନତା କମୁଥିବାରୁ ଏହି ଯୋଜନା ଆରମ୍ଭ କରାଯାଇଛି।


ଆଲୋଚନାଚକ୍ରରେ ଅଧ୍ୟାପିକା ଅଧ୍ୟାପକ ଏବଂ ଛାତ୍ରୀଛାତ୍ର।

## ଭାଷା ସାହିତ୍ୟ ବିକାଶ ଆଲୋଚନାଚକ୍ର ଉଦ୍‌ଯାପିତ

ରାଉରକେଲା,୮।୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୨୦ ସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଚାଲିଥିବା ଓଡିଆ ଭାଷା ଓ ସାହିତ୍ୟ ଆଲୋଚନାଚକ୍ର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷା ମୁଲତା ଦେହୁରୀ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ପ୍ରଦୀପ କୁମାର ଗିରି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ରାଜୀବ ପାଣି, ସମ୍ମାନୀତ ଅତିଥି ଭାବେ କବି କୁଞ୍ଜ ବିହାରୀ ରାଉତ ଓ ମୁଖ୍ୟ ବକ୍ତା ଭାବେ ରାଉରକେଲା କଲେଜର ବରିଷ୍ଠ ଅଧ୍ୟାପକ କରୁଣାକର ପାଇକଶାଣୀ ଯୋଗଦେଇ ଭାଷାର ଉତ୍ପତ୍ତି, ଭାଷା ସଂସ୍କୃତି ସହ ମଣିଷ ସମାଜର ସମ୍ପର୍କ, ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା, ସାହିତ୍ୟର ବିଭବ ଏବଂ ଓଡ଼ିଆ ଭାଷା ବିକାଶରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। କଲେଜର ବରିଷ୍ଠ ଅଧ୍ୟାପକ ସୁଶାନ୍ତ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂଯୋଜକ ଗିରି ପ୍ରାକ୍ କଥନ ଓ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଉପଲକ୍ଷେ କଲେଜ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ରୀତା ରାୟ, ରୀତା ଦାସ, ଅଳକାରଶ୍ମିମହାନ୍ତି, ସନ୍ଧ୍ୟାରାଣୀ ଚୌଧୁରୀ, ସୁଚିତ୍ରା ପାଠକ, ସତ୍ୟେନ୍ଦ୍ର ସିଂ, ପ୍ରକାଶ ଦାସ ପ୍ରମୁଖ ସହଯୋଗ କରିଥିଲେ।

## ହକି ପ୍ରୋଲିଗ୍ ମ୍ୟାଚ୍ ପାଇଁ ଟିକେଟ୍ ବିକ୍ରି ଆରମ୍ଭ

ରାଉରକେଲା,୮।୨(ଦିନେଶ ମିଶ୍ର)

ଆସନ୍ତା ୧୨ ତାରିଖରୁ ମହିଳା ଓ ୧୯ ତାରିଖରୁ ପୁରୁଷ ପ୍ରୋଲିଗ୍ ମ୍ୟାଚ୍ ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ୧୨ ତାରିଖରେ ମହିଳା ପ୍ରୋଲିଗ୍ ମ୍ୟାଚ୍ ଭାରତ ଓ ଚାଇନା ଦଳ ମଧ୍ୟରେ ଖେଳାଯିବ। ଏହା ୧୭ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ୧୯ ତାରିଖରୁ ଏହି ଷ୍ଟାଡିୟମ୍‌ରେ ପୁରୁଷ ପ୍ରୋଲିଗ୍ ମ୍ୟାଚ୍ ଆୟରଲ୍ୟାଣ୍ଡ ଓ ନେଦରଲ୍ୟାଣ୍ଡ ମଧ୍ୟରେ ଅନୁଷ୍ଠିତ ହୋଇ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସବୁ ମ୍ୟାଚକୁ ଦେଖିବା ପାଇଁ ଏଫଆଇଏଚ୍ ପକ୍ଷରୁ ଗୁରୁବାର ଟିକେଟ୍ ବୁକିଙ୍ଗ କାଉଣ୍ଟର ଷ୍ଟାଡିୟମ୍‌ର ଗେଟ୍ ନଂ-୨ ଓ ୬ରେ ଉପଲବ୍ଧ କରାଯାଇଛି। ଏହି ଟିକେଟ୍ କାଉଣ୍ଟର ସକାଳ ୧୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଖୋଲା ରହିବ ବୋଲି ଜଣାପଡ଼ିଛି। ଗୁରୁବାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଖୋଲିଥିବା ଟିକେଟ୍ ବୁକିଙ୍ଗ କାଉଣ୍ଟରେ ବିଶେଷ ଭିଡ ଦେଖିବାକୁ ମିଳି ନ ଥିଲା। ଏହି ଟିକେଟ କାଉଣ୍ଟର ସମ୍ମୁଖରେ ଭିଡ ନ ଜମାଇବା ଓ ଶାନ୍ତିଶୃଙ୍ଖଳା ସହ ହକି ପ୍ରେମୀମାନେ କିଭଳି ଟିକେଟ ପାଇପାରିବେ ସେ ନେଇ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଛି। ଏହି ଟିକେଟ କାଉଣ୍ଟର ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଖୋଲା ରହିବ ବୋଲି ଜଣାପଡ଼ିଛି।

## ସାରୁବାହାଲ ଏସ୍‌ଟି କ୍ଲବ ଚାମ୍ପିୟନ



ଅତିଥିଙ୍କ ସହ ଚାମ୍ପିୟନ ଦଳର ଖେଳାଳି।

ରାଉରକେଲା,୮।୨(ବିପ୍ଳବ ରଞ୍ଜନ ଦାଶ)

#### ଗ୍ରାମୀଣ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଆରଏସ୍‌ପି ସିଏସ୍‌ଆର ବିଭାଗ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ଗ୍ରାମୀଣ ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୪ଟି ବ୍ଲକର ୧୨୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ବିଶ୍ରା ବ୍ଲକ ସାରୁବାହଲ ଏସଟି କ୍ଲବ ଓ ଲାଠିକଟା ବ୍ଲକ ସୁଇଡିହ ମଧ୍ୟରେ ହୋଇଥିଲା। ଏସ୍‌ଟି କ୍ଲବ ସୁଇଡିହ ଫୁଟବଲ ଦଳକୁ ୨-୧ଗୋଲରେ ପରାଜିତ କରିଥିଲା। ଉଦ୍‌ଯାପନୀ ସମାରୋହରେ ଆରଏସ୍‌ପିର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଏସ୍.ଆର. ସୂର୍ଯ୍ୟବଂଶୀ ମୁଖ୍ୟଅତିଥି, ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ, ଚିକିତ୍ସା ଏବଂ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ବି. କେ. ହୋତା, ସହର ପ୍ରଶାସନ ଓ ସିଏସଆର ବିଭାଗର ସିଜିଏମ୍ ପି. କେ. ସ୍ୱାଇଁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଅତିଥିମାନେ ବିଜେତା ଦଳକୁ ପ୍ରମାଣପତ୍ର, ଟ୍ରଫି ସହ ୨୦ହଜାର ଟଙ୍କା ପ୍ରଦାନ କରିଥିଲେ। ସେହିପରି ଉପବିଜେତା ଦଳକୁ ପ୍ରମାଣପତ୍ର, ଟ୍ରଫି ସହ ୧୫ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏସ୍‌ଟି କ୍ଲବ ଅନୀଲ ଓରାମଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍, ସ୍ୱରୁପ ଓରାମ ଶ୍ରେଷ୍ଠ ସ୍କୋରର, ଜୟ ଜଗନ୍ନାଥ କ୍ଲବ ସାମରା ଓରାମଙ୍କୁ ଶ୍ରେଷ୍ଠ ଡିଫେଣ୍ଡର ଓ ଏସ୍‌ଟି କ୍ଲବର ରିତ ଓରାମ ଶ୍ରେଷ୍ଠ ଗୋଲ ରକ୍ଷକ ଭାବେ ପୁରସ୍କୃତ ହୋଇଥିଲେ। ଏଥିସହ ଟୁର୍ନାମେଣ୍ଟ ପରିଚାଳନା କରିଥିବା ମହିଳା ଏସ୍‌ଏଚ୍‌ଜିର ସଦସ୍ୟା ଓ ମ୍ୟାଚ୍ ଅଫିସିଆଲମାନଙ୍କୁ ମଧ୍ୟ ସମ୍ମାନୀତ କରାଯାଇଥିଲା। କାର୍ମିକ ଓ ପ୍ରଶାସନ ବିଭାଗ ତଥା ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ଟୁର୍ନାମେଣ୍ଟର ଚୂଡାନ୍ତ ପର୍ଯ୍ୟାୟ ଖେଳକୁ ଉଦ୍‌ଘାଟନ କରିଥିଲେ। ପି.କେ. ସ୍ୱାଇଁ ସ୍ୱାଗତ ଭାଷଣ ଏବଂ ସିଏସ୍‌ଆର ବିଭାଗ ଜିଏମ୍ ସୁଶ୍ରୀ ମୁନମୁନ ମିତ୍ରା ଧନ୍ୟବାଦ ଅର୍ପଣ କରିଥିଲେ। ସିଏସ୍‌ଆର ବିଭାଗର ଏଜିଏମ୍ ଟି. ବି. ଟପ୍ପୋ ଏବଂ ସିନିୟର ଫିଲ୍ଡ ଆସିଷ୍ଟାଣ୍ଟ ବି. ଏକ୍କା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## କୁଡୁଖ ଭାଷା, ବନ୍ନା ଲିପିକୁ ସାମ୍ବିଧାନିକ ମାନ୍ୟତା ଦାବି ତେଜିଲା

ରାଉରକେଲା,୮।୨(ସଙ୍ଗୀତା ଜେନା)



ମିଡ଼ିଆ କ୍ଲବରେ ଆୟୋଜିତ ବୈଠକରେ ମଞ୍ଚାସୀନ ନେତୃବୃନ୍ଦ।

ଆଦିବାସୀ ଓରାମ ସମାଜର ପ୍ରମୁଖ ମାତୃଭାଷା କୁଡୁଖ ଭାଷା ଓ ବନ୍ନା ଲିପିକୁ ସାମ୍ବିଧାନିକ ମାନ୍ୟତା ଦାବିରେ ଶୁକ୍ରବାର ବିଶାଳ ରାଲି ଅନୁଷ୍ଠିତ ହେବ। ଏହି ରାଲି ବିଶ୍ରା ଛକରୁ ବାହାରି ଉଦିତନଗରସ୍ଥିତ ଏଡିଏମ୍‌ଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯିବ। ସେଠାରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏଡିଏମ୍‌ଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ସେକ୍ଟର-୨୧ ମିଡ଼ିଆ କ୍ଲବରେ ଗୁରୁବାର ଆୟୋଜିତ ଏକ ବୈଠକରେ ସୂଚନା ଦିଆଯାଇଛି। ଏଥିରେ ସର୍ବଭାରତୀୟ କୁଡୁଖ ପାଡ୍‌ହାର ମହାସଚିବ ବୁରୁଙ୍ଗ ବାର୍ଲା, ରାଷ୍ଟ୍ରୀୟ ଏକତା ପରିଷଦର ଅଧ୍ୟକ୍ଷା ସୁଷମା ଲାକ୍ରା, ସର୍ବଭାରତୀୟ ସଭାପତି ରାମଚନ୍ଦ୍ର ଖାଲକୋ, ଜିଲା ଆବାହକ ପରୁଆ ଏକ୍କା, ରାଷ୍ଟ୍ରୀୟ ଆଦିବାସୀ ଛାତ୍ର ସଂଘ କାର୍ଯ୍ୟକାରୀ ସଭାପତି ଶଙ୍କର ଓରାମ ତିର୍କୀ, ମୁରଲୀ ପାଡ୍‌ହାର ତଲବାହାଡ଼ି ଯୁବକ ସଂଘ ସଭାପତି ଦିଲୀପ ଟପ୍ପୋ, ସର୍ବଭାରତୀୟ ଯୁବକ ସଂଘର ସାଧାରଣ ସଚିବ କିରଣ ଓରାମ ପ୍ରମୁଖ ମଞ୍ଚାସୀନ ଥିଲେ। ମହାସଚିବ ବାର୍ଲା କହିଥିଲେ, ଏହି ଭାଷାକୁ ଝାଡ଼ଖଣ୍ଡର ବାସୁଦେବରାମ ଖାଲକୋ ଆବିଷ୍କାର କରିଥିଲେ। ଏହାକୁ ମାନ୍ୟତା ପ୍ରଦାନ କରାଗଲେ ଜନଜାତି ବସବାସ କରୁଥିବା ଅଞ୍ଚଳରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ଶିକ୍ଷକ ନିଯୁକ୍ତି କରିବା, ବିଶ୍ୱବିଦ୍ୟାଳୟରେ ବିଭାଗ ଖୋଲିବା, ଭାଷା ଆୟୋଗ ସ୍ଥାପନ ସମେତ ବହୁମୁଖୀ ଯୋଜନା ରହିଛି ବୋଲି ବାର୍ଲା ସୂଚନା ଦେଇଥିଲେ।

## ବ୍ରାହ୍ମଣୀ ନଦୀରୁ ଯୁବକଙ୍କ ମୃତଦେହ ଜବତ

ରାଉରକେଲା,୮।୨(ଦିନେଶ ମିଶ୍ର): ରାଉରକେଲା ବ୍ରାହ୍ମଣୀ ନଦୀରୁ ଗୁରୁବାର ଅପରାହ୍ନରେ ଜଣେ ଯୁବକଙ୍କ ମୃତଦେହ ରଘୁନାଥପାଲି ପୋଲିସ ଉଦ୍ଧାର କରିଛି। ଖବର ଲେଖାହେବା ସୁଦ୍ଧା ସନ୍ଧ୍ୟା ସାଢେ ୭ଟା ମୃତ ଯୁବକଙ୍କ କୌଣସି ପରିଚୟ ମିଳିପାରିନାହିଁ। ପୋଲିସ ମୃତଦେହକୁ ଆରଜିଏଚ ମର୍ଗ ହାଉସରେ ରଖିଛି। ସୂଚନାଯୋଗ୍ୟ, ଗୁରୁବାର ଅପରାହ୍ନରେ ବ୍ରାହ୍ମଣୀ ନଦୀରେ ଜଣେ ଯୁବକଙ୍କ ମୃତଦେହ ଭାସୁଥିବା ଦେଖି ପାନପୋଷ ବସ୍ତିବାସୀ ପୋଲିସକୁ ଖବର ଦେଇଥିଲେ।

# ସୁଲଭ ମୂଲ୍ୟରେ ଦୋକାନ ଗୃହ ଆବଣ୍ଟନ କର

#### ପାନପୋଷ ଏନ୍‌ଏସି ଟିଣସେଡ୍ ଦୋକାନୀଙ୍କ ଦାବି

ରାଉରକେଲା,୮।୨(ସଙ୍ଗୀତା ଜେନା)


ଆର୍‌ଏମସି କାର୍ଯ୍ୟାଳୟ ସମ୍ମୁଖରେ ଉପସ୍ଥିତ ବ୍ୟବସାୟୀ।

ପାନପୋଷ ଏନ୍‌ଏସି ଟିଣସେଡ୍ ମାର୍କେଟର ୨୪ରୁ ଊର୍ଦ୍ଧ୍ୱ ଦୋକାନୀ ସୁଲଭ ଦରରେ ଦୋକାନ ଗୃହ ଆବଣ୍ଟନ ପାଇଁ ଦାବି କରିଛନ୍ତି। ଏହି କ୍ରମରେ ସେମାନେ ଆର୍‌ଏମ୍‌ସି କମିଶନର ଆଶୁତୋଷ କୁଲକର୍ଣ୍ଣୀଙ୍କୁ ଗୁରୁବାର ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବିନା ନିଲାମରେ ଉକ୍ତ ଦୋକାନ ଗୃହଗୁଡ଼ିକ ସମ୍ପୃକ୍ତ ଦୋକାନୀଙ୍କୁ ପ୍ରଦାନ କରାଯାଉ ବୋଲି ସେମାନେ ଗୁହାରି କରିଛନ୍ତି। ଜଗଦୀଶ ଜସୱାଲ, ଦମୟନ୍ତୀ ଶାହା, ଜେ. ପି. ଜସୱାଲ, ଦୀପକ ସାହୁ, ନିଶାନ୍ତ ସାହୁ, ଅମରନାଥ ସାହୁ, ଆନନ୍ଦ ସାହୁ, ବିପିନ ସରଣ୍ଟ, କୃଷ୍ଣ ବାରିକ, ଦିଲୀପ ମହାନ୍ତି, ସଞ୍ଜୟ ଅଗ୍ରୱାଲ, ଆଶିଷ ଜସୱାଲଙ୍କ ସମେତ ଅନ୍ୟ ଦୋକାନୀମାନେ ଉପସ୍ଥିତ ଥିଲେ। ଦୋକାନୀ ଜଗଦୀଶ ଜସୱାଲ କହିଛନ୍ତି, ଉକ୍ତ ମାର୍କେଟରେ ଦୀର୍ଘଦିନରୁ ଆମେ ବ୍ୟବସାୟ କରିଆସୁଛୁ। କିଛିଦିନ ତଳେ ଆର୍‌ଏମ୍‌ସି ପକ୍ଷରୁ ପାନପୋଷରେ ନୂତନ ବିଲ୍‌ଡିଂରେ ଦୋକାନ ଆବଣ୍ଟନ କରାଗଲା। ସେଠାକୁ ଅନେକ ବ୍ୟବସାୟୀ ସ୍ଥାନାନ୍ତର ହୋଇଥିଲେ। ତେବେ ଅନ୍ୟମାନେଏହି ଟିଣସେଡ୍‌ରେ ବ୍ୟବସାୟ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ଗତ ଡିସେମ୍ବରରେ ଦୋକାନୀଙ୍କୁ ଗୃହ ଆବଣ୍ଟନ ପାଇଁ ଆର୍‌ଏମସିକୁ ଚିଠି ଲେଖିଥିଲେ ବୋଲି ଜସୱାଲ କହିଛନ୍ତି।

# ଆନ୍ଦୋଳନରେ ପ୍ରାଣୀ ଚିକିତ୍ସକ, ସେବାରେ ବାଧା

ରାଉରକେଲା,୮।୨(ସଙ୍ଗୀତା ଜେନା)


ଆନ୍ଦୋଳନରେ ବସିଥିବା ପ୍ରାଣୀ ଚିକିତ୍ସକ।

ଦୀର୍ଘ ୨୨/୨୩ ବର୍ଷ ଧରି ବିନା ପଦୋନ୍ନତିରେ ୩ ଗୁଣା କାର୍ଯ୍ୟ କରି ଓଡ଼ିଶାର ପ୍ରାଣୀ ଚିକିତ୍ସକମାନେ ସରକାରଙ୍କ ନିକଟରେ ନିଜ ଦାବି ଉପସ୍ଥାପନ କରିଆସୁଛନ୍ତି। ପ୍ରାଣୀ ଚିକିତ୍ସାରେ ୨୪ ଘଣ୍ଟା ସେବା ବ୍ୟବସ୍ଥା, ବିଶେଷଜ୍ଞ ସେବା ବ୍ୟବସ୍ଥା, ଜଟିଳ ରୋଗାକ୍ରାନ୍ତ ପ୍ରାଣୀଙ୍କ ସ୍ଥାନାନ୍ତରଣ ସୁବିଧା, ମାଗଣା ସେବା ଆଦି ବ୍ୟାପକ ରୂପାନ୍ତରଣ ଦାବିକୁ ନେଇ ଓଡ଼ିଶା ପ୍ରାଣୀ ଚିକିତ୍ସା ସେବା ସଂଘର ଧର୍ମଘଟ ଓ ସାମୂହିକ ଛୁଟି ୨୨ ଦିନରେ ପଦାର୍ପଣ କରିଛି। ଏହାଦ୍ୱାରା କେବଳ ଡାକ୍ତରମାନେ ପ୍ରଭାବିତ ହୋଇନାହାନ୍ତି ବରଂ ସାଧାରଣ ଜନତା ଏବଂ ପଶୁପାଳକ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି। ରାଉରକେଲା ସମେତ ଲାଠିକଟା, ବିଶ୍ରା, କୁଆଁରମୁଣ୍ଡା, ନୂଆଗାଁ ଆଦି ଅଞ୍ଚଳରେ ପଶୁପାଳକ, ଜୀବନଜୀବିକା ପ୍ରକଳ୍ପ ଦ୍ୱାରା ଏସ୍‌ଏଚ୍‌ଜିଗୁଡ଼ିକ ମଧ୍ୟ ପ୍ରଭାବିତ ହୋଇଛନ୍ତି। ବୀମାଭୁକ୍ତ ଗାଈଗୋରୁଙ୍କ ମୃତ୍ୟୁ ମାମଲା, ନିୟମିତ ପଶୁମାନଙ୍କ ଟିକାକରଣ ବନ୍ଦ ରହିଛି। ଫଳରେ ଚାଷୀ କ୍ଷତି ସହୁଥିବା ବେଳେ ପ୍ରାଣୀଙ୍କ ଟିକାକରଣ ଓ ବିନା ପରାମର୍ଶରେ ଆଣ୍ଟିବାୟୋଟିକ୍ ପ୍ରଦାନ ଯୋଗୁ ଲୋକଙ୍କ ଖାଦ୍ୟ ଶୃଙ୍ଖଳା ଭୁଶୁଡ଼ିବାକୁ ବସିଛି। ରାଉରକେଲାରେ ୩ ହଜାର, ଲାଠିକଟାରେ ୨୨ ହଜାର, ବିଶ୍ରାରେ ୧୬ ହଜାର, କୁଆଁରମୁଣ୍ଡାରେ ୭୦ ହଜାର ଏବଂ ନୂଆଗାଁରେ ୮୦ ହଜାର ପଶୁପାଳକ ରହିଛନ୍ତି। ଏହାବ୍ୟତୀତ ଆର୍‌ଏସ୍‌ପି ପରିଚାଳିତ ଇନ୍ଦିରାଗାନ୍ଧୀ ପାର୍କ ଚିଡ଼ିଆଖାନାରେ ପଶୁମାନଙ୍କ ନିୟମିତ ଯାଞ୍ଚ, ପରାମର୍ଶ, ପୋଷ୍ଟମର୍ଟମ ଆଦି ଦାୟିତ୍ୱ ପ୍ରାଣୀ ଚିକିତ୍ସକଙ୍କ ଉପରେ ନ୍ୟସ୍ତ ରହିଛି। ଅନୁରୂପ ଭାବେ ରାଉରକେଲା ମହାନଗର ନିଗମ ସହ ମିଳିତ ଯୋଜନାରେ କୁକୁର ବନ୍ଧ୍ୟାକରଣ ଓ ଅନ୍ୟ ଯୋଜନା ଗୁଡ଼ିକ କରାଯାଇଥାଏ। ଯାହା ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଛି।

ଏ ସମ୍ପର୍କରେ ପାନପୋଷ ଏସ୍‌ଡିଭିଓ ଡା. ପି. କେ. ମହାରଣା କୁହନ୍ତି, ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧର୍ମଘଟ ଜାରି ରହିବ। ଧର୍ମଘଟ ଯୋଗୁ ଇନ୍ଦିରାଗାନ୍ଧୀ ପାର୍କକୁ ଆସିଥିବା ଭାଲୁ ଦମ୍ପତିଙ୍କ ନିୟମିତ ଯାଞ୍ଚ ହୋଇପାରିନାହିଁ। ଆର୍‌ଏମ୍‌ସିର ସହ ପ୍ରାଣୀଧନ ସଂଯୁକ୍ତ ୪ଟି ଜନଶୁଣାଣି ହୋଇନାହିଁ। ପଶୁପକ୍ଷୀଙ୍କୁ ରିଙ୍ଗ ଭ୍ୟାକ୍‌ସିନେଶନ (ଟିକାକରଣଚକ୍ର)ରେ ଟିକାକରଣ ପ୍ରକ୍ରିୟା ବନ୍ଦ ରହିଛି। ଯାହାଦ୍ୱାରା ଛେଳି ଓ କୁକୁଡ଼ା ଖାଉଥିବା ଲୋକଙ୍କୁ ରୋଗ ସଂକ୍ରମଣ ହେବା ଆଶଙ୍କା ରହିଛି ବୋଲି ଡା. ମହାରଣା କହିଥିଲେ।

## ସଂକ୍ଷେପରେ

### ନାମଯଜ୍ଞରେ ସହଯୋଗ କରିବାକୁ ଜିଲାପାଳଙ୍କୁ ଭେଟିଲେ କର୍ମକର୍ତ୍ତା



କୋକସରା,୮।୨(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଜାତୀୟ ରାଜପଥ ଡ଼ଙ୍ଗରିଗୁଡା ଖେଳ ପଡ଼ିଆରେ ଶ୍ରୀଶ୍ରୀଶ୍ରୀ ନିତାଇ ଚୈତନ୍ୟ ସଂକୀର୍ତ୍ତନ କଳାକାର ସଂଘ ପକ୍ଷରୁ ଆସନ୍ତା ୧୦ରୁ ୨୪ ତାରିଖ ପର୍ଯ୍ୟନ୍ତ ୧୫ ଦିନ ଧରି ୧୦୪ ପ୍ରହର ଅଖଣ୍ଡ ନାମଯଜ୍ଞ ଆୟୋଜିତ ହେବ। ଏହି ନାମଯଜ୍ଞରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ଆଇନ ଶୃଙ୍ଖଳା ଓ ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ, ପାନୀୟ ଜଳ, ସ୍ୱାସ୍ଥ୍ୟ ଟିମ, ଅଗ୍ନିଶମ ନିରାପତ୍ତା ଓ ସୁପରିଚାଳନା ପାଇଁ ଜଣେ ନୋଡାଲ ଅଧିକାରୀ ଯୋଗାଇବାକୁ କମିଟି କର୍ମକର୍ତ୍ତା ଗୁରୁବାର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କୁ ଭେଟିଛନ୍ତି। ଏହି ସମୟରେ ରାଜୀବ ଅଗ୍ରୱାଲ ଓ ରାଜୁ ଗୁପ୍ତା ପ୍ରଶାସନ ପକ୍ଷରୁ ସହଯୋଗ କରିବାକୁ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।

### ବାର୍ଷିକ ଉତ୍ସବ ପାଳନ ନେଇ ପ୍ରସ୍ତୁତି ବୈଠକ

ଖଡ଼ିଆଳ,୮।୨(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନର ବାର୍ଷିକ ଉତ୍ସବ ପାଳନ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଜିତେନ୍ଦ୍ର ନାଥ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅନୁଷ୍ଠାନ ୩୫ବର୍ଷ ପୂର୍ତ୍ତି ଅବସରରେ ବାର୍ଷିକ ଉତ୍ସବ ବହୁ ଆଡ଼ମ୍ବରରେ ପାଳନ ପାଇଁ ରୂପରେଖ ଉପରେ ଆଲୋଚନା କରାଯାଇଥିଲା। ଆସନ୍ତା ଏପ୍ରିଲ ସପ୍ତାହରେ ୩ ଦିନ ଧରି ବାର୍ଷିକ ଉତ୍ସବ ପାଳନ କରିବା ପାଇଁ ସ୍ଥିର ହୋଇଛି। ବୈଠକରେ ଅନୁଷ୍ଠାନ ସମ୍ପାଦକ ସୋମନାଥ ଜଗତ, ଗୌରାଙ୍ଗ ସାହୁ, ଜଗବନ୍ଧୁ ବାରିକ, ପିୟୁଷ ପଣ୍ଡା, ଗୋବିନ୍ଦ ପଣ୍ଡା, ଧର୍ମବୀର ରାଉତ, ଅମୂଲ୍ୟ ବାରିକ, ରାଜକପୁର ବାରିକ, ଜାବେଦ ଖାନ, ଅଶୋକ ବାରିକଙ୍କ ସମେତ ଅନୁଷ୍ଠାନ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ବରିଷ୍ଠ ନାଗରିକଙ୍କୁ ନେଇ ସଚେତନତା ସଭା

ଖଡ଼ିଆଳ,୮।୨(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖାଠାରେ ବରିଷ୍ଠ ନାଗରିକଙ୍କ ଏକ ସଚେତନ ସଭା ଅନୁଷ୍ଠିତ ହୋଇଛି। ଖଡ଼ିଆଳ ମୁଖ୍ୟ ଶାଖା ପ୍ରବନ୍ଧକ ଦେବୀ ପ୍ରସାଦ ମିଶ୍ର ଅଧ୍ୟକ୍ଷତା କରିଥିବାବେଳେ ଆର୍ଥିକ ସଚେତନ ପରାମର୍ଶଦାତା ରମେଶ ଚନ୍ଦ୍ର ଠାକୁର, ବରିଷ୍ଠ ନାଗରିକ ଡୋଳା ମୋହନ ସିଂ ବାବୁ, ଆୟକର ବିଭାଗ ଅବସରପ୍ରାପ୍ତ କମିଶନର ଶ୍ରୀକାନ୍ତ ଚାଟାର୍ଜୀ, ଜଗବନ୍ଧୁ ବାରିକ, ଅନୁପ ସାହୁ, ସଞ୍ଜୀବ ପାଢ଼ୀ, ଅଶୋକ ମୁଣ୍ଡ ପ୍ରମୁଖ ଯୋଗଦେଇଥିଲେ। ଅନଲାଇନ ଲେଣଦେଣ ବେଳେ ଠକେଇରୁ ବର୍ତ୍ତିବା ଏବଂ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣ ଯୋଜନା ଉପରେ ସଚେତନ କରାଯାଇଥିଲା।

# କରଙ୍ଗାଭଟା ଗାଁରେ ଏବେଠୁ ପାନୀୟ ଜଳ ସଙ୍କଟ

ନୂଆପଡ଼ା,୮।୨(ମକାରୁ ବେମାଲ)



ସ୍କୁଲ ନଳକୂଅ ପାଣି ନେଉଛନ୍ତି, ଗାଁରେ ଲାଗିଥିବା ଏଲ୍ଆଇ ପଏଣ୍ଟ।

- ଫ୍ଲୋରାଇଡ୍ ପାଣି ପିଇ ବିଭିନ୍ନ ରୋଗରେ ଆକ୍ରାନ୍ତ
- ୭ ଦିନରେ ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ

ନୂଆପଡା ଜିଲା କୋମନା ବ୍ଲକ ସିଆଲଲଟି ପଞ୍ଚାୟତ କରଙ୍ଗାଭଟା ଗାଁରେ ଗ୍ରୀଷ୍ମ ଋତୁ ନ ଆସିବା ପୂର୍ବରୁ ପାଣିର ଘୋର ସଙ୍କଟ ଦେଖା ଦେଲାଣି। ବସୁଧା ଯୋଜନାରେ ଓଭର ଟାଙ୍କି ନିର୍ମାଣ ହୋଇ ପାଇପ ପୋତା ସରି ଆଜକୁ ପ୍ରାୟ ୨ ବର୍ଷ ବିତିଯାଇଥିଲେ ମଧ୍ୟ ଜଳ ଯୋଗାଣ ହୋଇନାହିଁ। ଗାଁରେ ଲାଗିଥିବା ଏଲଆଇ ପୋଏଣ୍ଟ ପାଇପ ଭାଙ୍ଗିବାକୁ ବସିଲାଣି। ଗାଁ ଲୋକେ ଫ୍ଲୋରାଇଡଯୁକ୍ତ ପାଣି ପିଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। କରଙ୍ଗାଭଟା ଗାଁରେ ବସ୍ତି ସମେତ ବ୍ରାହ୍ମଣ ପଡା, ନାଏକପଡା, କଲୋନିପଡା ଓ ସ୍କୁଲପଡା ମିଶି ୩ ଶହ ପରିବାର ବସବାସ କରୁଥିବା ବେଳେ ୨ ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ରହିଛି। ବସ୍ତି ସମେତ ୪ଟି ପଡାକୁ ନେଇ ୭ଟି ନଳକୂଅ ରହିଛି। ସବୁ ନଳକୂଅରେ ଫ୍ଲୋରାଇଡ ଯୁକ୍ତ ପାଣି ରହିଥିବାରୁ ସରକାର ପକ୍ଷରୁ ନିଷିଧ ଘୋଷଣା କରିଛନ୍ତି। ପାଣିର ଅଭାବ ଯୋଗୁ ବା ଅନ୍ୟ ଉପାୟ ନ ଥିବାରୁ ଲୋକେ ବାଧହୋଇ ଫ୍ଲୋରାଇଡ ଯୁକ୍ତ ପାଣି ବ୍ୟବହାର କରୁଛନ୍ତି। ବସ୍ତି, ବ୍ରାହ୍ମଣପଡା, ନାଏକପଡା, କଲୋନିପଡାରେ ନଳକୂଅ ଅଛି। ହେଲେ ଫ୍ଲୋରାଇଡ ଯୁକ୍ତ ପାଣି ବାହରୁଛି। ସ୍କୁଲ ପଡାରେ ନଳକୂଅ ନାହିଁ। ସ୍କୁଲ ନଳକୂଅ ପାଣି ବ୍ୟବହାର କରୁଛନ୍ତି। ଶନିବାର ଅଧା ଦିନ, ରବିବାର ଓ ଛୁଟି ଦିନରେ ବିଦ୍ୟାଳୟ ଗେଟରେ ତାଲା ପଡୁଥିବାରୁ ସ୍କୁଲପଡାବାସୀ ମୁଡା କିମ୍ବା ଚହଲା ଖୋଲା ପାଣି ବ୍ୟବହାର କରୁଛନ୍ତି। ପାଣି ପାଇଁ ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଡିଓ ପର୍ଯ୍ୟନ୍ତ ଜଣାଇ ସାରିଲେଣି କୌଣସି ସୁଫଳ ମିଳୁନାହିଁ। କୌଣସି ଚାଷୀଙ୍କ ବୋରୱେଲକୁ ପାଣି ପାଇଁ ଗଲେ ଚାଷୀ ପାଣି ଦେଉନାହାନ୍ତି। ବିଦ୍ୟୁତ୍ ଦର ଯେଉଁ ରେଟରେ ବଢୁଛି କିଏ ବା ଚାଷୀ ବୋରୱେଲ ଚଲାଇ ପାଣି ଦେବ। ରୋକଠୋକ ମନା କରି ଦେଉଛନ୍ତ। ଅଧିକାଂଶ ଲୋକେ ନଈ ନାଳରେ ବାଲି କୂଅ କରି ପାଣି ଆଣି ବ୍ୟାବହାର କରୁଛନ୍ତି। ଏ ସଂକ୍ରାନ୍ତରେ କୋମନା ବିଡିଓ ହିତାଂଶୁ ଶେଖର ସାମଲଙ୍କୁ ପଚାରିବାରୁ ୭ ଦିନ ଭିତରେ ସମସ୍ୟାର ସମାଧାନ ହୋଇଯିବ ବୋଲି କହିଛନ୍ତି। ୭ ଦିନରେ ପାଣି ସମସ୍ୟା ପ୍ରଶାସନ ସମାଧାନ ନ କଲେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବୁ ବୋଲି ଶୋଭାରାମ ନାଏକ, ରୁପଧର ମାଝି, ଜଗତ ନାଗ, ତେଜରାମ ନାଏକ, ଦୁର୍ଯ୍ୟଧନ ନାଏକ, ବଳି ନାଏକ, ଯଧିରାମ ନାଏକ, ବଳରାମ ନାଏକ, ବୁଦ୍ଧରାମ ନାଏକ ପ୍ରମୁଖ ଓ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

କୋକସରା,୮।୨(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତରେ ସରପଞ୍ଚ ନକୁଳ ନାଏକଙ୍କ ଅଧ୍ୟକ୍ଷତାରେ ନବୀନ ଓଡିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ମାନିତ ଅତିଥି ଭାବେ ବ୍ଲକ ଏକାଉଣ୍ଟଟେଣ୍ଟ ଅଶୋକ କୁମାର ସେଠୀ, ପୂର୍ବତନ ସରପଞ୍ଚ କହ୍ନେଇ ଚରଣ ଦାସ, ଯୁବକବି ପଙ୍କଜ ମୁଖ ଚୌଧୁରୀ, ଭାରପ୍ରାପ୍ତ ଜିପିଇଓ ବିରଞ୍ଚି ଖର୍ସେଲ, ନାଏବ ସରପଞ୍ଚ ଶୋଭାଗିନୀ ଚଣ୍ଡି, ପିଇଓ ମାନସ ରଞ୍ଜନ ବେନୁପାଣି ମଞ୍ଚରେ ଉପସ୍ଥିତ ରହିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଉପରେ ଜନସାଧାରଣଙ୍କୁ ସୁଚିତ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ସରକାରୀ ବିଭାଗ ଷ୍ଟଲରେ ଲୋକଙ୍କୁ ରାଜ୍ୟ ସରକାରଙ୍କ ସରକାରୀସ୍ତରରେ ରହିଥିବା ଯୋଜନା ବିଷୟରେ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଘୁମୁରା କଳାକାର ଓ ସ୍ଥାନୀୟ କଳାକାରମାନେ ଓଡିଶୀ, ସମ୍ବଲପୁରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ମିଶନ ଶକ୍ତି ମହିଳା କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, ଅଙ୍ଗନୱାଡି କର୍ମୀଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ। ଯୋଗୀନ୍ଦ୍ର ହଂସ ମଞ୍ଚ ସଂଯୋଜନା କରିଥିଲେ। ପିଇଓ ମାନସ ରଞ୍ଜନ ବେନୁପାଣି, ଜିଆରଏସ ବୀରେନ୍ଦ୍ର କୁମାର ନାଏକ ଓ ପଞ୍ଚାୟତ କର୍ମଚାରୀମାନେ ସହଯୋଗ କରିଥିଲେ।




ଆମ ଓଡିଶା ନବୀନ ଓଡିଶା ସଚେତନତା କାର୍ଯ୍ୟକ୍ରମ।

# ୬୦ କେନ୍ଦ୍ରରେ ପରୀକ୍ଷା ଦେବେ ୧୦,୫୦୦ ଛାତ୍ରୀଛାତ୍ର

ନୂଆପଡ଼ା,୮।୨(ମକାରୁ ବେମାଲ)

**ନୂଆପଡ଼ା ଜିଲାରେ ଚଳିତବର୍ଷ ମାଟ୍ରିକ ପରୀକ୍ଷା ପ୍ରସ୍ତୁତି**

- ଜିଲାରେ ୫ ନୋଡାଲ କେନ୍ଦ୍ର

ଚଳିତବର୍ଷର ମାଟ୍ରିକ ପରୀକ୍ଷା ଆସନ୍ତା ୨୦ରୁ ଆରମ୍ଭ ହେବ। ଏଥିପାଇଁ ସମସ୍ତ ପରୀକ୍ଷା କେନ୍ଦ୍ର ସହ ଅନ୍ୟାନ୍ୟ ସବୁ କାର୍ଯ୍ୟ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ନୂଆପଡା ଜିଲାରେ ମୋଟ ୬୦ଟି କେନ୍ଦ୍ରରେ ୧୦ ହଜାର ୫ ଶହଜଣ ରେଗୁଲାର ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଏସଓଏସସି ଗୋଟିଏ କେନ୍ଦ୍ରରେ ୧୩ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଜିଲାରେ ସରକାରୀ ଅନୁଦାନ ପ୍ରାପ୍ତ ବ୍ଲକ ଗ୍ରାଣ୍ଟ ଓ ଅଣବ୍ଲକଗ୍ରାଣ୍ଟ ପ୍ରାପ୍ତ (ପଞ୍ଜୀକୃତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର)କୁ ନେଇ ମୋଟ ୧୫୨ଟି ଉଚ୍ଚ ବିଦ୍ୟାଳୟ ରହିଛି। ଜିଲାରେ ୬୦ଟି ପରୀକ୍ଷା କେନ୍ଦ୍ରରୁ ନୂଆପଡା ବ୍ଲକରେ ୧୭, କୋମନାରେ ୧୨, ଖଡିଆଳରେ ୧୨, ବୋଡେନରେ ୯ ଓ ସିନାପାଲି ବ୍ଲକରେ ୧୦ଟି କେନ୍ଦ୍ର ରହିଛି। ଜିଲାରେ ୫ଟି ନୋଡାଲ କେନ୍ଦ୍ର ରହିଛି। ସେଗୁଡିକ ହେଲା ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ନୂଆପଡା, ଜିତାମିତ୍ର ଉଚ୍ଚ ବିଦ୍ୟାଳୟ କୋମନା, ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖଡିଆଳ, ସରକାରୀ ସେବାଶ୍ରମ ଉଚ୍ଚ ବିଦ୍ୟାଳୟ ବୋଡେନ ଓ ଉଚ୍ଚ ବିଦ୍ୟାଳୟ ସିନାପାଲି। ନୋଡାଲ କେନ୍ଦ୍ରଗୁଡିକ ସହ ପ୍ରଶ୍ନପତ୍ର ଦେବା ଓ ଉତ୍ତର ପତ୍ର ସଂଗ୍ରହ କରିବା ପାଇଁ ୧୦ଟି ଡେସପାଚ ଦଳ ରହିଛନ୍ତି। ଜିଲାର ସମସ୍ତ ପରୀକ୍ଷା କେନ୍ଦ୍ରରେ ପର୍ଯ୍ୟବେକ୍ଷକ ରହିବେ। ସେମାନେ କୌଣସି ସମସ୍ୟା ହେଲେ ବୋର୍ଡକୁ ତୁରନ୍ତ ଅବଗତ କରିବା ସହ ଜିଲାସ୍ତରୀୟ ନିୟନ୍ତ୍ରଣ କକ୍ଷକୁ ଜଣାଇବେ। କେନ୍ଦ୍ରରେ କେବଳ କେନ୍ଦ୍ର ଅଧୀକ୍ଷକଙ୍କୁ ଛାଡିଲେ ଶିକ୍ଷୟତ୍ରୀ ଶିକ୍ଷକ କିମ୍ବା ଛାତ୍ରୀଛାତ୍ର କେହି ମୋବାଇଲ ରଖି ପାରିବେ ନାହିଁ। ପ୍ରତି କେନ୍ଦ୍ରରେ ଅଧୀକ୍ଷକଙ୍କ ତତ୍ତ୍ୱାବଧାନରେ ଥିବା ଲକରରେ ସମସ୍ତ ମୋବାଇଲ ଜମା କରିବାକୁ ନିର୍ଦ୍ଦେଶ ରହିଛି। ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସମସ୍ତ କେନ୍ଦ୍ରର କୋଠରିରେ ସିସିଟିଭି କ୍ୟାମେରା ଲଗାଇବାକୁ ନିର୍ଦ୍ଦେଶ ରହିଛି। ନୂଆପଡା ଜିଲାର ୬୦ଟି କେନ୍ଦ୍ରର କୋଠରିରେ କ୍ୟାମେରା ଲାଗିଥିବା ସୂଚନା ଦେଇଛନ୍ତି। ଏ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। କୌଣସି ଅପ୍ରିତିକର ସୃଷ୍ଟି ନ ହୋଇ ସୁରୁଖୁରୁରେ ପରୀକ୍ଷା ଶେଷ କରିବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଉଛି। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ମୁତୟନ କରାଯିବ ବୋଲି ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୂଏ ସୂଚନା ଦେଇଛନ୍ତି।

### ଡୁଡ଼ାଲୁ ସିଆଳମାଲ ରାସ୍ତା ନିର୍ମାଣରେ ଅନିୟମିତତା, ଉଚ୍ଚସ୍ତରୀୟ ତଦନ୍ତ ଦାବି

ନର୍ଲା/ଛତିକୁଡ଼ା,୮।୨
(ସନ୍ତୋଷ ପାତ୍ର/ଦୀପକ ସାହୁ)

କଳାହାଣ୍ଡି ଜିଲା ନର୍ଲା ବ୍ଲକ କୁର୍ମେଲ ଗ୍ରାମପଞ୍ଚାୟତ ଡୁଡାଲୁ ଗ୍ରାମରୁ ସିଆଳମାଲ ସଂଯୋଗ କରୁଥିବା ରାସ୍ତା ନିର୍ମାଣରେ ଅନିୟମିତତା ହୋଇଥିବା ବେଳେ ସ୍ଥାନୀୟ ଲୋକେ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ସୂଚନା ଯେ, ଡୁଡାଲୁ ଗ୍ରାମରୁ ସିଆଳମାଲ ସଂଯୋଗ କରୁଥିବା ରାସ୍ତା ୨୦୨୩-୨୪ ଆର୍ଥିକ ବର୍ଷରେ ନର୍ଲା ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ସିଏଫସି ଯୋଜନାରେ ୧୦ ଲକ୍ଷ ଏବଂ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୫ ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା କାର୍ଯ୍ୟ ସମ୍ପନ୍ନ ହୋଇଛି। ଉକ୍ତ ରାସ୍ତାରେ ମୁରୁମ, ମେଟାଲ ଏବଂ ଦୁଇଗୋଟି ହୋମ ପାଇପ ପୋଲ ନିର୍ମାଣ ପାଇଁ ମୋଟ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। କିନ୍ତୁ ବାସ୍ତବରେ ୧୫ ଲକ୍ଷ ଟଙ୍କାରୁ ଦଶ ଟ୍ରିପ ମେଟାଲ ଓ ୨ଶହ ଟ୍ରିପ ମୁରୁମ ଓ କୁଲି ମଜୁରି ଲଗାଇ ରାସ୍ତା ନିର୍ମାଣ କରି ବାକି ଅଧାରୁ ଅଧିକ ଟଙ୍କା ଆତ୍ମସାତ ହୋଇଥିବା ଡୁଡାଲୁ ରାଜସ୍ୱ ଗ୍ରାମର ଲୋକେ ବିଡିଓଙ୍କୁ ଲିଖିତ ଜଣାଇବା ସହ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଅପରପକ୍ଷରେ ସିଆଳମାଲ ପଡ଼ାବାସୀ ତାଙ୍କ ପଡାକୁ ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ରାସ୍ତା ନ ଥିବା ବେଳେ ଗ୍ରାମକୁ ରାସ୍ତା ସଂଯୋଗ ହୋଇଥିବାରୁ ଡୁଡ଼ାଲୁ ଗ୍ରାମର ରାସ୍ତା କାର୍ଯ୍ୟ ତୁଲାଇ ଥିବା ବ୍ୟକ୍ତି ଦୁର୍ନୀତି ଅଭିଯୋଗ ଆଣିଥିବା ପ୍ରକାଶ କରିଛନ୍ତି। ଅଭିଯୋଗକୁ ନେଇ ବ୍ଲକ କନିଷ୍ଠ ଯନ୍ତ୍ରୀ ଆଲୋକ କୁମାର ଫୋନ ମାଧ୍ୟମରେ ଯୋଗାଯୋଗ କରିବାରୁ ଉତ୍ତର ମିଳିନାହିଁ। ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ନିରୀହ ଆଦିବାସୀମାନଙ୍କ ପ୍ରତି ଜିଲା ପ୍ରଶାସନ ସତନ୍ତ୍ର ଦୃଷ୍ଟି ଦେଇ ଏହାର ସମାଧାନ ପାଇଁ ସାଧାରଣରେ ଦାବି ହେଉଛି।

### ଜେରକ୍ସ ମେଶିନ ଭାଙ୍ଗିଲେ, ଅଫିସ କର୍ମଚାରୀଙ୍କୁ ଦୁର୍ବ୍ୟବହାର

ଭବାନୀପାଟଣା,୮।୨(ଉତ୍ତମ କୁମାର ଦାଶ)

**କାଉନସିଲରଙ୍କ ଦବଙ୍ଗ ଗିରି**

କଳାହାଣ୍ଡି ଜିଲା ଭବାନୀପାଟଣା ପୌରପାଳିକାର ୧୭ ନଂ. କାଉନସିଲର କ୍ଷୀରସିନ୍ଧୁ ନାଏକଙ୍କ ଦବଙ୍ଗଗିରି ସାମନାକୁ ଆସିଛି। ପୌର କାର୍ଯ୍ୟାଳୟରେ କାର୍ଯ୍ୟରତ ସିଏମଏମୟୁ ଜିତେନ୍ଦ୍ର ଦାସଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୋଲଜ କରିବା ସହ ତାଙ୍କ ମୋବାଇଲକୁ ଫିଙ୍ଗିଦେବା ଓ ଅଫିସର ଜେରକ୍ସ ମେଶିନ ଭାଙ୍ଗିଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ସିଏମଏମୟୁ ଦାସ ପୌର ନିର୍ବାହୀ ଅଧିକାରୀ ଓ ଅଧ୍ୟକ୍ଷାଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏପରିକି ପୌରପାଳିକା କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ କାଉନସିଲର ନାଏକଙ୍କ ନାମରେ କାର୍ଯ୍ୟାନୁଷ୍ଠାନ ପାଇଁ କଳାହାଣ୍ଡି ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ, ଜିଲାପାଳ ଏବଂ ଏସ୍‌ପିଙ୍କୁ ପତ୍ର ମାଧ୍ୟମରେ ଜଣାଯାଇଛି। ପୂର୍ବରୁ ମଧ୍ୟ କାଉନସିଲର ନାଏକଙ୍କ ନାମରେ ଅଫିସର କାର୍ଯ୍ୟରତ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ଆସିଥିଲା।

### ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର



କାର୍ଯ୍ୟକ୍ରମରେ ପ୍ରଦର୍ଶିତ ଷ୍ଟଲ।

ଲାଞ୍ଜିଗଡ଼,୮।୨(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ପଞ୍ଚାୟତରେ ଗୁରୁବାର ଆମ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଲାଞ୍ଜିଗଡ ହାଇସ୍କୁଲ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସରସତୀ ମୁଣ୍ଡାଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ମୁଖ୍ୟବକ୍ତା ଭାବେ ତହସିଲଦାର ତଥା ଭାରପ୍ରାପ୍ତ ବିଡଓ କିରଣ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ଲାଞ୍ଜିଗଡ ଆଞ୍ଚଳିକ ବିକାଶ ପରିଷଦ ସଭାପତି ଶ୍ରୀଧର ପେଶନିଆ, ଲାଞ୍ଜିଗଡ ପୂର୍ବତନ ସରପଞ୍ଚ ଚନ୍ଦ୍ରଧଜ ପେଶନିଆ, ଜିଲା ସରପଞ୍ଚ ସଂଘ ସମ୍ପାଦକ ଦେବେନ୍ଦ୍ର ସା, ଲାଞ୍ଜିଗଡ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜମ୍ନେଶର ଭୋଇ, ଏସଏସଡି ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଜୟଲାଲ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ଶିବିରରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଭୀଷ୍ମ ମେହେର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅତିଥିମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାଗୁଡିକ ଉପରେ ମାର୍ଗଦର୍ଶନ ଦେଇ ଜନସଚେତନତା ସୃଷ୍ଟି କରିଥିଲେ। ଏହି ଅବସରରେ ଉଦ୍ୟାନ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଜଙ୍ଗଲ, ପ୍ରାଣୀସମ୍ପଦ, ବିଦ୍ୟୁତ୍ ବିଭାଗ ଷ୍ଟଲମାନ ଖୋଲାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ ନୃତ୍ୟ ପରିବେଷଣ କରାଯାଇଥିଲା। ଶିବିରରେ ସୁଶୀଲ କୁମାର ବାଗ ମଞ୍ଚ ପରିଚାଳନା ଏବଂ ଧନ୍ୟବାଦ ଅର୍ପଣ କରିଥିଲେ।

# କଳାକାରଙ୍କୁ ନେଇ ଜନସଚେତନତା ଅଭିଯାନ

କର୍ଲାମୁଣ୍ଡା,୮।୨(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ସ୍ଥାନରେ ସୂଚନା ଶିକ୍ଷା ଓ ଯୋଗାଯୋଗ ଉପକ୍ରମରେ ଲୋକକଳାର ପ୍ରୟୋଗ ଅଭିଯାନ ବୁଧବାରଠାରୁ ଆରମ୍ଭ ହୋଇଯାଇଛି। ଏହି ଅସରରେ ରାଜ୍ୟ ସରକାରଙ୍କ ୧୫ ଗୋଟି ଯୋଜନା କିଭଳି ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରିବ ଓ ଲୋକମାନଙ୍କ ସଚେତନ ସୃଷ୍ଟି ଉଦେଶ୍ୟରେ ବ୍ଲକ ୧୨ଟି ପଞ୍ଚାୟତର ୬୫ଟି ଗାଁ ଓ ପଡ଼ାରେ ଲୋକ କଳା ଜରିଆରେ ସ୍ଥାନୀୟ କଳାକାରମାନଙ୍କୁ ନେଇ ଗଠିତ ୧୮ ଟି ସଂସ୍କୃତିକ ଦଳଙ୍କ ଦ୍ୱାରା ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବା ବ୍ଲକ କଳା ଓ ସଂସ୍କୃତି ସଂଘ ଉପ ସଭାପତି ଭାଗୀରଥି ସୂଚନା ଦେଇଛନ୍ତି।



ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ବିମଳା କନ୍‌ଭେଣ୍ଟ ସ୍କୁଲ ଚାମ୍ପିୟନ

ଭବାନୀପାଟଣା,୮।୨(ଉତ୍ତମ କୁମାର ଦାଶ)




ଚାମ୍ପିୟନ ଟିମ୍ ସହ ଅତିଥିଗଣ।

**ଜିଲାସ୍ତରୀୟ ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟ**

କଳାହାଣ୍ଡି ଜିଲା ଭବାନୀପାଟଣା ଲାଲବାହଦୂର ଶାସ୍ତ୍ରୀ ଷ୍ଟାଡିୟମ୍‌ଠାରେ ଗତ ୨୮ ତାରିଖଠୁ ଚାଲିଥିବା ଜିଲାସ୍ତରୀୟ ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଭବାନୀପାଟଣା ବିମଳା କନଭେଣ୍ଟ ସ୍କୁଲ ଓ ବ୍ରଜବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ବିମଳା କନଭେଣ୍ଟ ସ୍କୁଲ ଚାମ୍ପିୟନ ହୋଇଥିଲା। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ୨୪.୧ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୨୧ ରନ୍ ସଂଗ୍ରହ କରିଥିଲା। ଜବାବରେ କନଭେଣ୍ଟ ସ୍କୁଲ ୨୩ ଓଭରରେ ୪ ଉଇକେଟ ହରାଇ ୧୨୨ ରନ୍ କରି ୬ ଉଇକେଟ୍‌ରେ ବିଜୟୀ ହୋଇ ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଥିଲା। ଫାଇନାଲ ମ୍ୟାଚ୍‌ରେ ଅମ୍ପାୟର ଭାବେ ବିପ୍ଳବ ସିଂହ ଓ ତେଜେଶ୍ୱର ଆଚାରି ଦାୟିତ୍ୱ ତୁଲାଇଥିବାବେଳେ ଡିଜିଟାଲ ସ୍କୋରର ଭାବେ ସାକ୍ଷୀ ଗୋପାଳ ପଣ୍ଡା, ମନୁଆଲ ସ୍କୋରର ଭାବେ ମଳୟ ଦ୍ୱିବେଦୀ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ଜିଲା କ୍ରୀଡା ସଂସ୍ଥା କାର୍ଯ୍ୟକାରୀ ସଭାପତି ସୁନୀଲ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଜିଲା କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ତଥା ଓଡିଶା ଅଲମ୍ପିକ ଆସୋସିଏଶନ୍ ସଭାପତି ଜଗମୋହନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ କ୍ରୀଡା ସଂସ୍ଥାର କ୍ରିକେଟ ସମ୍ପାଦକ ସର୍ଦ୍ଦାର ସନ୍ତ ସିଂ, ସହ ସମ୍ପାଦକ ଚକ୍ରଧର ସେଠି, ମହେନ୍ଦ୍ର କୁମାର ପଣ୍ଡା, ଧିରେନ୍ଦ୍ର କୁମାର ପଟ୍ଟନାୟକ, ସର୍ଦ୍ଦାର ନିର୍ମଳ ସିଂ, ଭିକାରୀ ଚରଣ ମିଶ୍ର, ଅଶୋକ ପଟ୍ଟନାୟକ, ଶମ୍ଭୁ ପ୍ରସାଦ ରାଉତ, ଅବଦୁଲ କାଦିର, ଜିତେନ୍ଦ୍ର ପଟ୍ଟନାୟକ, ବରିଷ୍ଠ ସତ୍ୟନ ମହାପାତ୍ର, ସ୍ୱାଧୀନ ପାତ୍ର, ଅଜିତ ସିଂହ, ସଭ୍ୟ ବିପିନ ମିଶ୍ର, ସୁରେଶ ଗଉଡ ପ୍ରମୁଖ ଯୋଗଦେଇଥିଲ। ଯୁଗ୍ମ ସମ୍ପାଦକ କାଳିପ୍ରସାଦ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଖେଳର ଧାରାବିବରଣୀ ସୌରଭ ପ୍ରକାଶ ପଣ୍ଡା ପ୍ରଦାନ କରିଥିଲେ। ଓଡିଶା କ୍ରିକେଟ ଆସୋସିଏଶନ ସହାୟତା ଏବଂ କଳାହାଣ୍ଡି ଜିଲା କ୍ରୀଡ଼ା ସଂସ୍ଥା ଆନୁକୁଲ୍ୟରେ ଟୁର୍ନାମେଣ୍ଟ ଆୟୋଜନ ହୋଇଥିଲା।

# ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ହଙ୍ଗାମା

ଥୁଆମୂଳ ରାମପୁର,୮।୨(ଦୁର୍ଗା କୀର୍ତ୍ତି)



- ବିରୋଧ କଲେ ଗ୍ରାମର ସଚେତନ ଯୁବକ
- ଅଧାରୁ ଦଳୀୟ କର୍ମୀ, ବ୍ଲକ୍ ପ୍ରଶାସନ ଚାଲିଗଲେ

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ବିରିକୋଟ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ଜୟନ୍ତୀ ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ମାଝି, ମୁଖ୍ୟ ବକ୍ତା ଭାବେ ବିଧାୟକ ବ୍ଲକ ପ୍ରତିନିଧି ମାଣିକ୍ୟ ଚନ୍ଦ୍ର ନାଏକ, ବିଡିଓ ଧ୍ରୁବଚରଣ ମୁଦୁଲି, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ମାଝି, ପଞ୍ଚାୟତର ସମସ୍ତ ୱାର୍ଡମେମ୍ବର ଉପସ୍ଥିତ ରହିଥିଲେ। ସରକାରଙ୍କ ୫-ଟି ଜରିଆରେ କରାଯାଉଥିବା ରୂପାନ୍ତରିକରଣ ଏବଂ ବିକାଶ କ୍ଷେତ୍ରରେ ନେଇଥିବା ପ୍ରମୁଖ ପଦକ୍ଷେପଗୁଡିକ ଉପରେ ଅତିଥିମାନେ ବ୍ୟକ୍ତବ୍ୟ ରଖିଥିଲେ। ସରକାର ୨୫ବର୍ଷ ଶାସନ କରିଥିଲେ ମଧ୍ୟ ଆଜି ବି ଥୁଆମୂଳ ରାମପୁର ବ୍ଲକ୍‌ର ବିଭିନ୍ନ ଦୁର୍ଗମ ଅଞ୍ଚଳକୁ ମୌଳିକ ସୁବିଧା ପହଞ୍ଚି ପାରିଲା ନାହିଁ ବୋଲି ଗ୍ରାମର କିଛି ସଚେତନ ଯୁବକ ବିରୋଧ କରିଥିଲେ। ଆପଣମାନେ ଏଭଳି ସଚେତନ ଶିବିରରେ ମିଥ୍ୟା ପ୍ରସାର ପ୍ରଚାର କରୁଛନ୍ତି ବୋଲି ସେମାନେ ପ୍ରକାଶ କରିଥିଲେ। ଏହା ଛଡ଼ା ଘରେ ଘରେ ଲକ୍ଷ୍ମୀ ବସର ନାରାବାଜି ଦିଆଯାଉଛି ହେଲେ। ଆମ ଗ୍ରାମକୁ ଏପର୍ଯ୍ୟନ୍ତ ଲକ୍ଷ୍ମୀ ବସ ଆସିପାରିଲା ନାହିଁ। ଏହା ବ୍ୟତୀତ ଭଲ ରାସ୍ତା ନ ଥିବା ଯୋଗୁ ଗର୍ଭବତୀଠୁ ଆରମ୍ଭ କରି ଅନେକ ରୋଗୀ ଖଟିଆରେ ବୁହା ହୋଇ ମେଡିକାଲ ଯିବା ଘଟଣା ଦିନକର ନୁହଁ। ଏହା ଅନେକ ଦିନରୁ ଚଳି ଆସିଛି ବୋଲି ସେମାନେ କହିଥିଲେ। ବିଡିଓ ସାର୍ ଓ ବ୍ଲକ୍ ଅଧକ୍ଷ ସାର୍ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଯାଇ ତଦାରଖ କରନ୍ତୁ ଓ ତାର ବିଭିନ୍ନ ସମସ୍ୟା ସମାଧାନ କରିବା ପାଇଁ ଚେଷ୍ଟା କରନ୍ତୁ ବୋଲି କହିଥିଲେ। ଶିବିରରେ ଏଭଳି ଅପ୍ରିତିକର ଦୃଶ୍ୟ ଦେଖି ଦଳୀୟ ନେତା ଓ ସରକାରୀ କର୍ମଚାରୀ ପଳାୟନ କରିଥିଲେ। କିଛିକ୍ଷଣ ପରେ ହଙ୍ଗାମା ତୀବ୍ରତା ହେବାରୁ ଗ୍ରାମର କିଛି ଯୁବକ ଚେୟାର, ଟେବୁଲ୍, ଭଙ୍ଗାରୁଜା କରିବା ସହ ବ୍ୟାନର ଚିରି ଦେଇଥିଲେ। ଏ ନେଇ ଉପସ୍ଥିତ ବ୍ଲକ୍ ଉପାଧକ୍ଷା ଜୟନ୍ତୀ ମାଝି, ନୋଡାଲ ଅଧିକାରୀ ପ୍ରତାପ କୁମାର ସାହୁ, ସରପଞ୍ଚ ଜୟନ୍ତୀ ମାଝିଙ୍କୁ ଏ ଅପ୍ରୀତିକର ବିଷୟକୁ ନେଇ ପରଚରିବାରୁ ସେମାନେ କୌଣସି ସନ୍ତୋଷ ଜନକଉତ୍ତର ଦେଇ ନ ଥିଲେ। ଶିବିର ପଞ୍ଚାୟତ ନିର୍ବାହୀ ହିମାଂଶୁ ଶେଖର ପାଢ଼ୀ ପରିଚଳନା କରିଥିଲେ। ପଞ୍ଚାୟତ ରୋଜଗାର ସେବକ ମୁକ୍ତେଶ୍ୱର ପୂଝାରୀ ଓ ଯୋଗାଣ ସହାୟକ ଲକ୍ଷ୍ମୀପତି ନାଏକ ସହଯୋଗ କରିଥିଲେ।

**ସଂକ୍ଷେପରେ**

## ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବିନିକା,୮।୨(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସରକାରୀ ମହିଳା କନିଷ୍ଠ ମହାବିଦ୍ୟାଳୟରେ ଦୀର୍ଘ ୮ ଦିନ ଧରି ଚାଲିଥିବା ଛାତ୍ରୀମାନଙ୍କ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି । ଅଧ୍ୟକ୍ଷ ପଞ୍ଚାନନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଗନ୍ନାଥ କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷ ବନବିହାରୀ ମିଶ୍ର, ମୁଖ୍ୟବକ୍ତା ଭାବେ ଲଛିପୁର କନିଷ୍ଠ ମହାବିଦ୍ୟାଳୟ ଚେୟାରମ୍ୟାନ ଅରୁଣ କୁମାର ଷଡ଼ଙ୍ଗୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ସଙ୍ଗୀତା ପୁରୋହିତ, ବିଦ୍ୟୁଲତା କର, ଗୀତାଞ୍ଜଳି ତ୍ରିପାଠୀ, ତ୍ରିସାନ୍ଧ୍ୟ ମେହେର, ଅଧ୍ୟାପକ ଚୈତନ୍ୟ ମେହେର, ନାରାୟଣ ମେହେର, ବିଶ୍ୱାମିତ୍ର ପାତ୍ର ଯୋଗଦେଇ ପ୍ରଶିକ୍ଷଣର ଉପକାରିତା ବିଷୟରେ ଉଦ୍‌ବୋଧନ ଦେଇଥିଲେ। ଅଧ୍ୟାପିକା ମାଷ୍ଟର ଟ୍ରେନର ସାବିତ୍ରୀ ସାହୁ ୧୨୮ ଜଣ ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ସବ୍ୟସାଚୀ ଦନ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ବୈଜୟନ୍ତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ତୃତୀୟ ବାଉଁଶୁଣୀ ଲୋକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

ବାଉଁଶୁଣୀ,୮।୨(ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ବାଉଁଶୁଣୀ ସାଂସ୍କୃତିକ ପରିଷଦ ପକ୍ଷରୁ ସ୍ଥାନୀୟ ହାଇସ୍କୁଲ ଖେଳପଡିଆରେ ଚାଲିଥିବା ତୃତୀୟ ବାଉଁଶୁଣୀ ଲୋକ ମହୋତ୍ସବର ଗୁରୁବାର ଚତୁର୍ଥ ସନ୍ଧ୍ୟାର ସାଂସ୍କୃତିକ ସଭାରେ ଅତିଥି ଭାବେ ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ଯୋଗ ଦେଇଥିଲେ । ଡ. ରାଜେଶ କୁମାର ତ୍ରିପାଠୀ, ଜିଲା ମହୋତ୍ସବ କମିଟିର ସଭାପତି ଦିବ୍ୟ ଶଙ୍କର ରାଉତ, ଶଗଡ଼ା ସରପଞ୍ଚ ସନ୍ଧ୍ୟାରାଣୀ ମହାକୁଲ, ସହକାରୀ ଜିଲାପାଳ ଓ ନିର୍ବାହୀ ଅଧିକାରୀ ବୌଦ୍ଧ ଏନଏସି ଚନ୍ଦ୍ରକାନ୍ତ ବେହେରା ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ଲୁଚି ଯାଉଥିବା କଳାକୁ ଉଜ୍ଜୀବିତ କରି ରଖିବାରେ ମହୋତ୍ସବ ସହାୟକ ହୋଇଥାଏ ବୋଲି ଅତିଥିମାନେ କହିଥିଲେ । ସହ ସମ୍ପାଦକ ସୁନୀଲ କୁମାର ବାରିକ ସଭାପତିତ୍ୱ କରିଥିବା ବେଳେ ମକର ମହାରଣା ମଞ୍ଚ ପରିଚାଳନା କରିଥିଲେ। ବାଉଁଶୁଣୀ ସାଂସ୍କୃତିକ ପରିଷଦର ଆବାହକ ଦଶରଥ ମେହେର, ସଭାପତି ଉମାଶଙ୍କର ପାଢ଼ୀ, ସମ୍ପାଦକ ସୀତାକାନ୍ତ ସିଂ, ସରୋଜ ତ୍ରିପାଠୀ, କୁନା ରଥ, ସୁଜିତ ମେହେରଙ୍କ ସମେତ ଅଞ୍ଚଳବାସୀ ସହଯୋଗ କରୁଛନ୍ତି।

# ସାଢ଼େ ୪ ମାସ ହେଲା ୪ ଶ୍ରମିକଙ୍କ ମିଳୁନି ପତ୍ତା

ବୌଦ୍ଧ,୮।୨(ଅଜିତ କୁମାର ବାରିକ)

- ରାଜ୍ୟ ବାହାରକୁ କାମ କରିବାକୁ ଯାଇଥିଲେ
- ଫେରାଇ ଆଣିବାକୁ ଜିଲା ଶ୍ରମ ଅଧିକାରଙ୍କ ପାଖରେ ଗୁହାରିକଲେ ଶ୍ରମିକଙ୍କ ପରିବାର


ଶ୍ରମ କାର୍ଯ୍ୟାଳୟ ଆଗରେ ନିଖୋଜ ଶ୍ରମିକଙ୍କ ପରିବାର ଲୋକେ ।

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବଣପାହାଡ ଘେରା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ତଳଗାଁ ପଞ୍ଚାୟତର ୪ ଜଣ ଶ୍ରମିକଙ୍କ ସାଢେ ୪ ମାସ ହେଲା ପତ୍ତା ମିଳୁନାହିଁ । ପରିବାର ପ୍ରତିପୋଷଣ ପାଇଁ ଏହି ଶ୍ରମିକମାନେ ରାଜ୍ୟ ବାହାରକୁ କାମ କରିବାକୁ ଯାଇଥିବା ବେଳେ ସେମାନଙ୍କ ଖୋଜ ଖବର ନ ମିଳିବା ପରବାର ଲୋକଙ୍କ ନିଦ ହଜାଇଦେଇଛି । ଗୁରୁବାର ଦିନ ସମ୍ପୃକ୍ତ ଶ୍ରମିକଙ୍କ ପରିବାର ଲୋକେ ସେମାନଙ୍କୁ ଫେରାଇ ଆଣିବା ପାଇଁ ବୌଦ୍ଧ ଜିଲା ଶ୍ରମ ଅଧିକାରୀଙ୍କ ନିକଟରେ ଗୁହାରି କରିଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ, ଗତବର୍ଷ ସେପ୍ଟେମ୍ବର ୨୦ ତାରିଖରେ ତଳଗାଁ ପଞ୍ଚାୟତ ଡମକୁଜ ଗ୍ରାମର ଈଶ୍ୱର ବାଘ (୨୦) ଓ ବସନ୍ତ ମଲିକ (୨୦), ତଳଗାଁ ଗ୍ରାମର ସଞ୍ଜୟ ସାହୁ (୨୦) ଓ ଅରୁଣ ନାୟକ (୨୧) କାମ କରିବାକୁ ରାଜ୍ୟ ବାହାରକୁ ଯାଇଥିଲେ। କିନ୍ତୁ ସେମାନେ ଘରୁ ଯିବା ଦିନ ଠାରୁ ଆଜି ପର୍ଯ୍ୟନ୍ତ ଯୋଗାଯୋଗରେ ନ ଥିବା ବେଳେ ସେମାନଙ୍କ ମୋବାଇଲ ଫୋନ ସୁଇଚ୍ ଅଫ୍ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ପିଲାଙ୍କ କିଛି ଖୋଜ ଖବର ନ ଥିବାରୁ ପୂରା ପରିବାର ଦୁଃଖରେ ମ୍ରିୟମାଣ ହୋଇ ଦିନ କାଟୁଥିବା ବେଳେ ଗତ ୮ ଦିନ ତଳେ ହଠାତ୍ ୭୬୦୬୦୬୯୨୦୨ ନମ୍ବରରୁ ଏକ ଫୋନ କଲ୍ ଈଶ୍ୱରଙ୍କ ମାଆ କମଳା ବାଘଙ୍କ ପାଖକୁ ଆସିଥିଲା। ଫୋନ କରିଥିବା ଯୁବକ ଜଣକ ନିଜକୁ ଗଞ୍ଜାମ ଜିଲା ଦିଗପହଣ୍ଡି ଅଞ୍ଚଳର ବଚନ ବୋଲି ପରିଚୟ ଦେଇ କହିଥିଲେ, ତମର ପୁଅମାନେ ଆନ୍ଧ୍ରପ୍ରଦେଶର ବିଜୟୱାଡା ନିକଟବର୍ତ୍ତୀ କୁଲୁରଠାରେ କାର୍ଯ୍ୟ କରୁଛନ୍ତି। ମୁଁ ସେଠାରୁ ଲୁଚି ଖସି ପଳାଇ ଆସିଛି। ସେଠାରେ ସେମାନେ ଯେଉଁଠି କାମ କରୁଛନ୍ତି ତାର ମାଲିକ ସେମାନଙ୍କ ଫୋନ ନେଇଯାଇଛି ଓ ଖାଇବାକୁ ନ ଦେଇ ହଇରାଣ କରିବା ସହ ମାରପିଟ କରୁଥିବା କହିଥିଲେ। ସମସ୍ତ ଶ୍ରମିକଙ୍କ ପରିବାର ଏହି ଖବର ପାଇବା ପରେ ଚିନ୍ତାରେ ରହିଛନ୍ତି। ସେମାନେ କେଉଁଠି ଅଛନ୍ତି ସେନେଇ କିଛି ଜାଣି ପାରୁ ନ ଥିବାରୁ ଗତ ମଙ୍ଗଳବାର ଦିନ ହରଭଙ୍ଗା ଥାନା ଯାଇ ଅଭିଯୋଗ କରିଥିଲେ । କିନ୍ତୁ ଥାନା ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରା ନ ଯାଇ ଫେରାଇ ଦିଆଯାଇଥିଲା। ଶେଷରେ ସେମାନେ ବୌଦ୍ଧ ଜିଲା ଶ୍ରମ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିବା ଶ୍ରମିକଙ୍କ ପରିବାର କହିଛନ୍ତି। ଏହାଛଡା ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ପରିବାର ଲୋକ ୪ ଶ୍ରମିକଙ୍କୁ ଯଥାଶୀଘ୍ର ଉଦ୍ଧାର କରିବାକୁ ଆକୁଳ ନିବେଦନ କରିଛନ୍ତି। ଏନେଇ ଜିଲା ଶ୍ରମ ଅଧିକାରୀଙ୍କୁ ଯୋଗାଯୋଗ ଲାଗି ଉଦ୍ୟମ କରାଯାଇଥିଲେ ହେଁ ସମ୍ଭବ ହୋଇ ପାରିନାହିଁ।

# ସୁବଳୟା କଲେଜରେ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଅମରପାଲି, ୮।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା ଯୁକ୍ତ ଦୁଇ କଲେଜରେ ନୂଆ-ଓ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଭୋଲାନାଥ କର୍ମୀ ଏହି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏଥିରେ ବଲାଙ୍ଗୀର ମହିଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଡ.ସରୋଜ କୁମାର ଜଗଦଲା ମୁଖ୍ୟବକ୍ତା ଏବଂ ସୋନପୁର ମହାବିଦ୍ୟାଳୟ ଓଡ଼ିଆ ବିଭାଗର ଅଧ୍ୟାପକ ଡ଼. ମୀନକେତନ କୁମ୍ଭାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟର ଉନ୍ନତି ପାଇଁ ପ୍ରୟାସକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ପ୍ରଜ୍ଞା କଳ୍ପିତା ନାୟକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅଧ୍ୟାପକ ରମାକାନ୍ତ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ଦେବାଶିଷ ପ୍ରଧାନ ସଂଯୋଜନା କରିଥିବା ବେଳେ ଅନନ୍ଦା ମିଶ୍ର, ଅର୍ପିତା ନାୟକ, ଗୋପାଳ ଭୋଇ, ସୁରେନ୍ଦ୍ର ସାହୁ,ଦିଲିପ ମେହେର,ହର ସାହୁ, ଶମ୍ଭୁ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପାଇକବାହାଲ ସରପଞ୍ଚଙ୍କ ନାମରେ ମାମଲା

ସୋନପୁର,୮।୨(ମୃତ୍ୟୁଞ୍ଜୟ ଶତପଥୀ)

- ପୋଲିସ ଏଏସ୍‌ଆଇଙ୍କ ଜାଲ ଦସ୍ତଖତ କରିଥିଲେ
- କୋର୍ଟ ନିର୍ଦ୍ଦେଶରେ ଆପରାଧିକ ମାମଲା ରୁଜୁ


ପାଇକବାହାଲ ସରପଞ୍ଚ ଗଣନାଥ ସାହୁ ।

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ପାଇକବାହାଲ ପଞ୍ଚାୟତର ସରପଞ୍ଚ ଗଣନାଥ ସାହୁଙ୍କ ନାମରେ ତରଭା ଥାନାରେ ମାମଲା ରୁଜୁ ହୋଇଛି । ପୋଲିସ ଏଏସଆଇଙ୍କ ଦସ୍ତଖତ ଜାଲ୍ କରି ସେ କିଛି ରେକର୍ଡ ପ୍ରସ୍ତୁତ କରିଥିବା ନେଇ ଅଭିଯୋଗ ରହିଛି। କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କ ନାମରେ ଠକେଇ ଓ ଜାଲ୍‌ଦସ୍ତଖତ ଭଳି ସଙ୍ଗୀନ ଦଫାରେ ମାମଲା ରୁଜୁ ହୋଇଛି । ସରପଞ୍ଚଙ୍କ ଏହି କାରନାମା ଏବେ ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି।

ଗଣନାଥ ସରପଞ୍ଚ ଭାବେ ନିର୍ବାଚିତ ହେବା ପରେ ବିବାଦରେ ରହିଛନ୍ତି। ପାଇକବାହାଲ ପଞ୍ଚାୟତରେ ୨୦୨୨ ଅକ୍ଟୋବର, ନଭେମ୍ବର ଓ ଡିସେମ୍ବର ଲଗାତର ତିନି ମାସ ଧରି ପଞ୍ଚାୟତର ମାସିକ ବୈଠକ ହୋଇ ନଥିବା ଅଭିଯୋଗ ହୋଇଛି। ଏଥିପାଇଁ ନିୟମ ଅନୁସାରେ ସରପଞ୍ଚଙ୍କୁ ଅଯୋଗ୍ୟ ଘୋଷଣା କରିବାକୁ ପଞ୍ଚାୟତର ୱାର୍ଡସଭ୍ୟ ବିଶ୍ୱାମିତ୍ର ସେଠ୍, ମନୋରଞ୍ଜନ ଖମାରୀ ଓ କୁମୁଦିନୀ ବାଘ ଜିଲାପାଳଙ୍କୁ ପୂର୍ବରୁ ଲିଖିତ ଭାବେ ଜଣାଇଥିଲେ। ତତ୍କାଳୀନ ଜିଲାପାଳ ଏନେଇ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ପରେ ୱାର୍ଡସଭ୍ୟ ବିଶ୍ୱାମିତ୍ର ପଞ୍ଚାୟତର ନୋଟିସ ରେଜିଷ୍ଟର ଓ ମାସିକ ବୈଠକ ରେଜିଷ୍ଟର ସମ୍ପର୍କରେ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଥିଲେ। ପଞ୍ଚାୟତ ପକ୍ଷରୁ ତାଙ୍କୁ ମିଳିଥିବା ସୂଚନା ଅନୁସାରେ ୨୦୨୨ ଅକ୍ଟୋବର ୬ ତାରିଖରେ ଉଭୟ ରେଜିଷ୍ଟର ହଜିଯିବା ପରେ ପୁଣି ୨୦୨୩ ଜାନୁୟାରୀ ୩ ତାରିଖରେ ହଜି ଯାଇଥିବା ଉଭୟ ରେଜିଷ୍ଟର ମିଳିଥିଲା। ଏ ନେଇ ସରପଞ୍ଚ ସାହୁଙ୍କ ଅଭିଯୋଗ କ୍ରମେ ମେଣ୍ଡା ଫାଣ୍ଡିରେ ୬.୧୦.୨୨ ଓ ୩.୧.୨୩ରେ ଦୁଇଟି ଷ୍ଟେଶନ ଡାଏରୀ ରୁଜୁ ହୋଇଥିବା ଜଣା ପଡିଥିଲା। ଏଥିରେ ସନ୍ଦେହ ହେବାରୁ ବିଶ୍ୱାମିତ୍ର ତରଭା ଆଇଆଇସିଙ୍କ ନିକଟରେ ଉଭୟ ଷ୍ଟେଶନ ଡାଏରୀ ଉପରେ ସୂଚନା ମାଗିଥିଲେ । ତରଭା ଥାନା ପକ୍ଷରୁ ୧୮।୧୦।୨୩ରେ ମିଳିଥିବା ସୂଚନା ଅନୁସାରେ ପାଇକବାହାଲ ସରପଞ୍ଚ କିମ୍ବା ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଦ୍ୱାରା ପାଇକବାହାଲ ପଞ୍ଚାୟତ ବାବଦରେ କୌଣସି ଷ୍ଟେଶନ ଡାଏରୀ ମେଣ୍ଡା ଫାଣ୍ଡି କିମ୍ବା ତରଭା ଥାନାରେ ହୋଇ ନଥିଲା। ସରପଞ୍ଚ ନିଜ ପାଖରେ ରେଜିଷ୍ଟର ରଖି ମେଣ୍ଡା ଫାଣ୍ଡି ଅଧିକାରୀଙ୍କ ଜାଲ୍ ଦସ୍ତଖତ କରି ଉଭୟ ତାରିଖର ଜାଲ୍ କାଗଜପତ୍ର ପ୍ରସ୍ତୁତ କରି ଅପରାଧିକ ଷଡଯନ୍ତ୍ର ରଚନା କରିଥିବା ଅଭିଯୋଗକାରୀ ବିଶ୍ୱାମିତ୍ର ଜାଣିବାକୁ ପାଇଥିଲେ। ଏସ୍‌ପିଙ୍କ ନିକଟରେ ଏ ସମ୍ପର୍କରେ ପଞ୍ଚାୟତବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା । ସରପଞ୍ଚ ଦାଖଲ କରିଥିବା ଷ୍ଟେଶନ ଡାଏରୀର ସତ୍ୟତା ଉପରେ ରିପୋର୍ଟ ଦେବାକୁ ଏସ୍‌ପି ନିର୍ଦ୍ଦେଶ ଦେଇଥିଲେ। ସୋନପୁର ଏସଡିପିଓ ଏହାର ତଦନ୍ତ କରି ରେଜିଷ୍ଟର ହଜିଥିବା ସମ୍ପର୍କରେ ସରପଞ୍ଚ କୌଣସି ରିପୋର୍ଟ ଦେଇ ନଥିବା ସ୍ପଷ୍ଟ ଭାବେ ଜଣାଇଥିଲେ। ସରପଞ୍ଚ ନିଜର ଲାଭ ପାଇଁ ପଞ୍ଚାୟତର ଜାଲ୍ କାଗଜପତ୍ର ପ୍ରସ୍ତୁତ କରି ଅଭିଯୋଗକାରୀଙ୍କୁ ଠକିବା ସହ ଜିଲାପାଳଙ୍କ ନିକଟରେ ମଧ୍ୟ ଜାଲ୍ କାଗଜପତ୍ର ଦାଖଲ କରିଥିବା ସ୍ପଷ୍ଟ ହୋଇଥିଲା। ସରପଞ୍ଚଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ୨୦୨୩ ନଭେମ୍ବର ୧ ତାରିଖରେ ବିଶ୍ୱାମିତ୍ର ତରଭା ଥାନାରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ଥାନା ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରା ଯାଇନଥିଲା। ଏସ୍‌ପିଙ୍କ ନିକଟରେ ସେ ପୁଣି ଲିଖିତ ଅଭିଯୋଗ କରିଥିଲେ। ସବୁଠୁ ନିରାଶ ହେବା ପରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତରେ ଅଭିଯୋଗ ୧ସିସି ୧/୨୪ ଅନୁସାରେ ଦାଖଲ କରିବା ସହ ଦଫା ୪୨୦/୪୬୫/୪୬୮/୪୭୧ ଆଦିରେ ମାମଲା ରୁଜୁ କରିବାକୁ ସେ ଅନୁରୋଧ କରିଥିଲେ। ଅଭିଯୋଗକୁ କୋର୍ଟ ଗ୍ରହଣ କରି ମାମଲା ରୁଜୁ କରିବାକୁ ତରଭା ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଫେବୃୟାରୀ ୧୨ ତାରିଖ ସୁଦ୍ଧା ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ଏହି ନିର୍ଦ୍ଦେଶ ପରେ ସରପଞ୍ଚଙ୍କ ବିରୋଧରେ ତରଭା ଥାନା କେସ ନଂ ୧୭/୨୪ ଅନୁସାରେ ଠକେଇ ଓ ଜାଲ୍ ଦସ୍ତଖତ ମାମଲା ରୁଜୁ ହୋଇଛି ।

## ଅଧାବାଟରେ ଆଖି ବୁଜିଲେ ଶ୍ରଦ୍ଧାଳୁ

ବୌଦ୍ଧ,୮।୨( ଅଜିତ କୁମାର ବାରିକ)

ଶ୍ରୀକ୍ଷେତ୍ର ପୁରୀକୁ ପରିକ୍ରମା ପ୍ରକଳ୍ପ ପରିଦର୍ଶନ ପାଇଁ ଯିବା ବେଳେ ବୁଧବାର ରାତିରେ ଜଣେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ସରସରା ଗ୍ରାମର ପୂର୍ଣ୍ଣଚନ୍ଦ୍ର ବାରିକ (୫୫)। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି । ରାଜ୍ୟ ସରକାର ପରିକ୍ରମା ପ୍ରକଳ୍ପ ଦର୍ଶନ ପାଇଁ ବିଭିନ୍ନ ଜିଲାରୁ ଲୋକଙ୍କୁ ପୁରୀ ନେବା ପାଇଁ ବ୍ୟବସ୍ଥା କରିଛନ୍ତି । ତଦନୁଯାୟୀ ଗତ ବୁଧବାର ରାତିରେ ବୌଦ୍ଧ ନିର୍ବାଚନମଣ୍ଡଳୀର ସମସ୍ତ ଗ୍ରାମ ପଞ୍ଚାୟତ ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ଲୋକଙ୍କୁ ପରିକ୍ରମା ପ୍ରକଳ୍ପ ଦର୍ଶନ ପାଇଁ ବସ୍‌ରେ ନିଆଯାଇଥିଲା । ହରଭଙ୍ଗା ବ୍ଲକ ସରସରା ଗ୍ରାମ ପଞ୍ଚାୟତରୁ ଏକ ବସ୍‌ରେ ୨୦ ଜଣ ଶ୍ରଦ୍ଧାଳୁ ପରିଦର୍ଶନ ପାଇଁ ଯାଇଥିଲେ । ବସ୍‌ରେ ଯିବା ସମୟରେ ଜଟଣୀ ନିକଟରେ ପୂର୍ଣ୍ଣଚନ୍ଦ୍ରଙ୍କ ଦେହ ହଠାତ୍ ଅସୁସ୍ଥ ହୋଇ ପଡିଥିଲା । ତାଙ୍କୁ ଖୋର୍ଦ୍ଧା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥ ଏମସ୍ ମେଡିକାଲ୍ରୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଜଙ୍ଗଲ ଓ ପରିବେଶ, ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଏମ୍ସ ମେଡିକାଲକୁ ଯାଇଥିଲେ ବୋଲି ଜଣାଯାଇଛି।। ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସରସରା ସରପଞ୍ଚ ହରି ନାଏକଙ୍କୁ ପଚାରିବାରେ ଗୁରୁବାର ପୂର୍ଣ୍ଣଚନ୍ଦ୍ରଙ୍କ ମୃତଦେହ ସରସରାକୁ ଅଣାଯାଉଛି ବୋଲି କହିଥିଲେ।

## ୧୫ ବ୍ରାହ୍ମଣ ବାଳକଙ୍କ ସାମୂହିକ ବ୍ରତୋପନୟନ


ସୁବର୍ଣ୍ଣପୁରରେ ୧୫ ବ୍ରାହ୍ମଣ ବାଳକଙ୍କୁ ବ୍ରତୋପନୟନ କରାଯାଉଛି ।

ସୋନପୁର,୮।୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହରସ୍ଥିତ ରାମେଶ୍ୱର ଶୈବପୀଠ ପରିସରରେ ସାମୂହିକ ବ୍ରତୋପନୟନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଚନ୍ଦ୍ରିକା ସେବା ଟ୍ରଷ୍ଟ ପକ୍ଷରୁ ଏହି ଧାର୍ମିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ମୁଖ୍ୟ ଆଚାର୍ଯ୍ୟ ରାଜୀବ ଲୋଚନ ଆଚାର୍ଯ୍ୟ, ପୂଜକ ରାଧେଶ୍ୟାମ ପୁରୋହିତ, ବୁଲୁ ମିଶ୍ର, କରୁଣାକର ପାଣିଗ୍ରାହୀ, ସୁଦର୍ଶନ ହୋତା, ରମେଶ କୁମାର ପାଣିଗ୍ରାହୀ, ବୀରେନ୍ଦ୍ର ଚାନ୍ଦ, ରାଜକିଶୋର ପୁରୋହିତ, ଆନନ୍ଦ ପୂଜାହାରୀ, ରାମାନୁଜ ପୂଜାହାରୀ, ଶୁଶାନ୍ତ ପୁରୋହିତ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ନୀଳମଣି ହୋତା, କୌଶୁଭ ମିଶ୍ର, ଘନଶ୍ୟାମ ପଣ୍ଡା, ଅକଳ କୁମାର ହୋତା, ସୁଦାମ ପଣ୍ଡା, ସାନନ୍ଦ ଦାଶ ଓ ଗୋପାଳ ପାଢୀ ପ୍ରମୁଖ ହୋମଯଜ୍ଞ ସହିତ ରୀତିନୀତି ଅନୁଯାୟୀ ବ୍ରାହ୍ମଣ ବାଳକଙ୍କ ବ୍ରତୋପନୟନ କାର୍ଯ୍ୟ ସମ୍ପାଦନ କରିଥିଲେ। ସୁବର୍ଣ୍ଣପୁର ଜିଲା ଲୁପୁରୁସିଂହା ଗ୍ରାମର ଜୟନାରାୟଣ ମିଶ୍ର, ବାଞ୍ଜିପାଲିର ବାସୁଦେବ ପଣ୍ଡା, କୁଳିପାଲିର ରୋହିତ ଦାଶ, ସୋନପୁରର ପ୍ରୀତମ ମିଶ୍ର, ବୀରମହାରାଜପୁରର ସମରେଶ ପଣ୍ଡା, ସଚିନ ଚାନ୍ଦ, ସୁମନ୍ତ ଚାନ୍ଦ, ମିଲନ ଚାନ୍ଦ, ସତ୍ୟଜିତ୍ ପାଢୀ, ରାହୁଲ ଚାନ୍ଦ, ଉଲୁଣ୍ଡାର ସାହିଲ ପୁରୋହିତ, ବରଗଡର ଅମରେଶ ପଣ୍ଡା,ବଲାଙ୍ଗୀର ଗାଇସିଲେଟ୍‌ର କୁନାଲ ଦାଶ, ବଲାଙ୍ଗୀର ସହର ଚନ୍ଦନଭାଟିର ସମିତ ଯୋଶୀ ଓ ଗିରିଧାରୀ ପୁରୋହିତ ପ୍ରମୁଖ ବ୍ରାହ୍ମଣ ବାଳକଙ୍କର ବ୍ରତୋପନୟନ ଲାଗି ଆୟୋଜକଙ୍କ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା। ସେହିପରି ମନ୍ଦିର ପରିସରରେ ନାମ ସଂକୀର୍ତ୍ତନ ପରିବେଷଣ ହୋଇଥିଲା। ଟ୍ରଷ୍ଟର ସଭାପତି ବଷ୍ଟୁ ଅଗ୍ରୱାଲ, ଉପସଭାପତି ସନ୍ତୋଷ କୁମାର ମିଶ୍ର, ସମ୍ପାଦକ ନାରାୟଣ ରଥ, ଯୁଗ୍ମ ସମ୍ପାଦକ ଦେବାଶିଷ ପଟ୍ଟନାୟକ, ଭଗବତୀ ରାୟଗୁରୁ, ଦୀପା ଅଗ୍ରୱାଲ, ସତ୍ୟବ୍ରତ ପଧାନ, ରାଜକୁମାର ମେହେର, ପିନି ମହାପାତ୍ର, ରୀନା ବାରିକ, ସନ୍ତୋଷିନୀ ନନ୍ଦ, ଜୟନ୍ତି ରଥ ଓ ରାଜେନ୍ଦ୍ର ମେହେର ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ ଓ ବିଶିଷ୍ଟ ବ୍ୟକ୍ତି ଯୋଗଦାନ କରି ବ୍ରହ୍ମଚାରୀମାନଙ୍କୁ ଆଶିର୍ବାଦ ପ୍ରଦାନ କରିଥିଲେ।

# ରାଉରକେଲାକୁ ହରାଇ କୋଲକାତା ଚାମ୍ପିୟନ

ଡୁଙ୍ଗୁରିପାଲି, ୮।୨ (ଦୀନବନ୍ଧୁ ସୁନା)

**ସର୍ବଭାରତୀୟ ଦିବାରାତ୍ର ଭଲିବଲ**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଭଲିବଲ ଆସୋସିଏଶନ ଆନୁକୂଲ୍ୟରେ ଯୁଗଲାଲ ବିଶ୍ୱାଳ ମେମୋରିଆଲ ସର୍ବଭାରତୀୟ ଦୁଇଦିନିଆ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଡୁଙ୍ଗୁରିପାଲି ରାଧାକୃଷ୍ଣ ଭଲିବଲ ଖେଳପଡ଼ିଆରେ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଛତିଶଗଡ ସିଜି ପୋଲିସ, ଖୋର୍ଦ୍ଧା ଇଷ୍ଟକୋଷ୍ଟ ରେଲୱେ, ଚେନାଇ ବୁଲ୍ସ, କୋଲକାତା ଇଷ୍ଟର୍ନ ରେଲୱେ, ଚଣ୍ଡିଗଡର ହରିୟାଣା ସ୍କାଇକର ଓ ଓଡିଶା ରାଇଜିଂ କ୍ଲବ ରାଉଲକେଲା ଆଦି ୬ ଦଳ ଭାଗ ନେଇଥିଲେ। ମଙ୍ଗଳବାର ସ୍ୱର୍ଗତ ଯୁଗଲାଲ ବିଶ୍ୱାଳଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାକୁ ଆରଆରଏନ୍ ଫ୍ଲୁଡ୍‌ଟେକ ଇଣ୍ଡଷ୍ଟ୍ରିଜ, ଦିଲ୍ଲୀ ଗ୍ରୁପ ଚେୟାରମ୍ୟାନ ତଥା ସିଇଓ ବ୍ରଜକିଶୋର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ। ଫାଇନାଲରେ ରାଉରକେଲା ଦଳକୁ ହରାଇ କୋଲକାତା ଦଳ ଚାମ୍ପିୟନ ହୋଇଛି।

ଟୁର୍ନାମେଣ୍ଟରେ ଶ୍ରେଷ୍ଠ ଖେଳାଳି ଭାବେ ରାଜେଶ, ନିର୍ମଳ, ଲିବେରୋ ଅଶ୍ୱିନୀ, ଅନିଲ ଓ ରୋହିତ ପାତ୍ର ଏବଂ ବିଜେତା ଦଳ କୋଲକାତା ଓ ଉପ ବିଜେତା ରାଉଲକେଲା ଦଳକୁ ଆର୍‌ଆର୍‌ଏନ ଗ୍ରୁପ ତରଫରୁ ଟ୍ରଫି ଓ ନଗଦ ଅର୍ଥ ରାଶି ଦେଇ ପୁରସ୍କୃତ କରାଯାଇଥିଲା। ରେଫରି ଭାବେ ନିରଞ୍ଜନ ନାଏକ ଓ ସୁଶାନ୍ତ ପଟେଲ ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଆସୋସିଏଶନର ସଭାପତି ହିମାଂଶୁ ଶେଖର ବିଶ୍ୱାଳ, ଉପ ସଭାପତି ଜିତେନ୍ଦ୍ର ବିଶ୍ୱାଳ, ଯୁଗଲାଲଙ୍କ ପୁଅ କିଶୋର ବିଶ୍ୱାଳ,ସମ୍ପାଦକ ଗୋପାଳ ବାରିକ, କୋଷାଧକ୍ଷ ଚୁନା ପାଣ୍ଡେ, ଦାଶରଥି ବିଶ୍ୱାଳ, କନ୍ଦର୍ପ ସାହୁ, ଦେବାଶିଷ ବିଶ୍ୱାଳ, ଗାନ୍ଧୀ ସାହୁଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ମ୍ୟାଚ ଦେଖିବା ଲାଗି ଦର୍ଶକଙ୍କ ଭିଡ଼ ଦେଖିବାକୁ ମିଳିଥିଲା।



ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ କୋଲକାତା ଦଳ ।

# ମୁର୍ଷୁଣ୍ଡିକୁ ହରାଇ ନୂଆଁପାଲି ଚାମ୍ପିୟନ

ଅମରପାଲି,୮।୨(ପୀତାମ୍ବର ସାହୁ)

**୧୦ମ ମା' ନାରାୟଣୀ କ୍ରିକେଟ ଟୁର୍ନାମେଣ୍ଟ**

- ରଞ୍ଜିତ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି



ଚାମ୍ପିୟନ ନୂଆଁପାଲି ଦଳକୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କୋଟସମଲାଇ ଗ୍ରାମ ପଞ୍ଚାୟତ ଖୁଣ୍ଟୁଲାପାଲି ଗ୍ରାମର ହନୁମାନ ଛକ ପଡ଼ିଆରେ ହେଉଥିବା ୧୦ମ ମା' ନାରାୟଣୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ମୁର୍ଷୁଣ୍ଡିକୁ ହରାଇ ନୂଆଁପାଲି ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ତିନୋଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟରେ ମୁର୍ଷୁଣ୍ଡି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୮୮ ରନ କରିଥିଲା। ଜବାବରେ ନୂଆଁପାଲି ଦଳ ଆବଶ୍ୟକ ୮୯ ରନକୁ ୮.୪ ଓଭରରେ ୪ ଉଇକେଟ ହରାଇ ସଂଗ୍ରହ କରିଥିଲା। ଦ୍ୱିତୀୟ ଫର୍ମାଟରେ ନୂଆଁପାଲି ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୫ ଉଇକେଟ ହରାଇ ୬୮ ରନ କରିଥିବା ବେଳେ ମୁର୍ଷୁଣ୍ଡି ଦଳ ଆବଶ୍ୟକ ୬୯ ରନକୁ ୬.୪ ଓଭରରେ ୪ ଉଇକେଟ ହରାଇ ସଂଗ୍ରହ କରିଥିଲେ। ଉଭୟ ଦଳ ଗୋଟିଏ ଲେଖାଏ ଫର୍ମାଟରେ ବିଜୟୀ ହେବାରୁ ନିର୍ଣ୍ଣାୟକ ତୃତୀୟ ଫର୍ମାଟ ଖେଳ ହୋଇଥିଲା। ଏଥିରେ ନୂଆଁପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୪ ଓଭରରେ ୩ ଉଇକେଟ ହରାଇ ୬୦ ରନ କରିଥିଲା। ଜବାବରେ ମୁର୍ଷୁଣ୍ଡି ଦଳ ୪ ଓଭରରେ ୪ ଉଇକେଟ ହରାଇ ୫୨ ରନ କରିଥିଲା। ଫଳରେ ନୂଆଁପାଲି ଦଳ ୨-୧ରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ସୁବର୍ଣ୍ଣପୁର ଜିଲା ପରିଷଦ ଉପାଧ୍ୟକ୍ଷ ଝସକେତନ ବାଘର ମୁଖ୍ୟଅତିଥି ଏବଂ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ବୀରମହାରାଜପୁର ଆମ୍ରା ଅଧ୍ୟକ୍ଷ ବିବସ୍ୱତି ପଣ୍ଡା, ଆଇନଜୀବୀ ରାଧାକାନ୍ତ ମହାକୁର, ପୂର୍ବତନ ଜିଲା ପରିଷଦ ସଦସ୍ୟ ଉତ୍ତର କୁମାର ପାତ୍ର,ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଆନନ୍ଦ ବାରିକ, କ୍ରୀଡାବିତ ରଞ୍ଜନ ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଥିଲେ। ପ୍ରଥମ ଫର୍ମାଟ ପାଇଁ ନୂଆଁପାଲିର ବଂଶୀ, ଦ୍ୱିତୀୟ ଫର୍ମାଟ ପାଇଁ ମୁର୍ଷୁଣ୍ଡିର ଭୀମ ଗର୍ଡ଼ିଆ, ତୃତୀୟ ଫର୍ମାଟ ପାଇଁ ନୂଆଁପାଲିର ରମେଶଙ୍କୁ ମ୍ୟାନ୍ ଅଫ ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ନୂଆଁପାଲିର ରଞ୍ଜିତଙ୍କୁ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି, ଶ୍ରେଷ୍ଠ ବୋଲର ଓ ଶ୍ରେଷ୍ଠ ବ୍ୟାଟର, ଭୀମ ଗର୍ଡିଆଙ୍କୁ ଶ୍ରେଷ୍ଠ ଉଇକେଟ କିପର, କୋଟ ସମଲାଇର ରୋହିତ ମଲ୍ଲିକଙ୍କୁ ଶ୍ରେଷ୍ଠ ଫିଲ୍ଡର ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ନୂଆଁପାଲି ଦଳକୁ ନଗଦ ୨୦ ହଜାର ଟଙ୍କା ସହିତ ଟ୍ରଫି ଏବଂ ରନର୍ସ ଅପ୍ ମୁର୍ଷୁଣ୍ଡି ଦଳକୁ ନଗଦ ୧୨ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଫାଇନାଲ ଖେଳରେ ପ୍ରତ୍ୟୁଷ ରଞ୍ଜନ ମିଶ୍ର ଓ ଗଣେଶ ଭରାସାଗର ଅମ୍ପାୟାର, ବିଭୂତି ଭୂଷଣ ରାଜହଂସ ଓ ବିଜୟ ମେଣ୍ଡିଲି ସ୍କୋରିଂ ଏବଂ ଜଗନ୍ନାଥ ପ୍ରଧାନ ଧାରା ବିବରଣୀ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ବନ୍ଧୁକ ଦେଖାଇ ୯ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟ୍

**ଟେନ୍‌ସା,୮।୨(ସମୀର କୁମାର ପାଢ଼ୀ):** ସୁନ୍ଦରଗଡ଼ ଜିଲା ଟେନ୍‌ସା ଫାଣ୍ଡି ନିକଟ ଗୀତାରାଣୀ ଖଣି ଗେଟ୍ ପାଖରେ ଥିବା ଟ୍ରାନ୍ସପୋର୍ଟ ଅଫିସରୁ ବୁଧବାର ରାତିରେ ଦୁର୍ବୃତ୍ତମାନେ ୯ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟ କରିନେଇଛନ୍ତି। ପୋଲିସ ସିସିଟିଭିରେ ଲୁଟ୍‌ର ଦୃଶ୍ୟକୁ କଏଦ କରି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ସୂଚନାନୁଯାୟୀ, ବୁଧବାର ରାତିରେ ୫ଜଣ ଦୁର୍ବୃତ୍ତ ହାତରେ ଟାଙ୍ଗିଆ, କଟୁରି, ବନ୍ଧୁକ ଧରି ଅଫିସ ମଧ୍ୟକୁ ପଶି କର୍ମଚାରୀଙ୍କୁ ଭୟଭୀତ କରିଥିଲେ। ପରେ ଡ୍ରରେ ଥିବା ୯ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ଫେରାର ହୋଇ ଯାଇଥିଲେ। କାକ୍ରର୍ସ ଏଣ୍ଡିଆ ପ୍ରାଇଭେଟ ଲିମିଟେଡ ନାମକ ଏକ ଟ୍ରାନ୍ସପୋର୍ଟ ଅଫିସର କର୍ମଚାରୀ ବୁଧବାର ବ୍ୟାଙ୍କରୁ ୧୦ଲକ୍ଷ ଟଙ୍କା ଉଠାଇ ଗାଡ଼ିକୁ ପେମେଣ୍ଟ କରିବା ପାଇଁ ଆଣିଥିଲେ। କୌଣସି ସୂତ୍ରରୁ ଖବରପାଇ ଦୁର୍ବୃତ୍ତମାନେ ରାତିରେ ଅଫିସ ଭିତରେ ପଶି ଲୁଟ୍ କରି ଫେରାର ହୋଇଯାଇଥିଲେ।

### ସମଲେଶ୍ୱରୀ ପ୍ରକଳ୍ପ ପରିଦର୍ଶନ କଲେ ଶ୍ରଦ୍ଧାଳୁ

**ରାଜଗାଙ୍ଗପୁର,୮।୨(ଅଶୋକ ପାଣି):** ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲାଠିକଟା, ରାଜଗାଙ୍ଗପୁର,କୁତ୍ରା ଓ ରାଜଗାଙ୍ଗପୁର ପୌରାଞ୍ଚଳର ୧୪୦୦ ମହିଳା ପୁରୁଷ ବୁଧବାର ସମଲେଶ୍ୱରୀଙ୍କ ପରିକ୍ରମା ପ୍ରକଳ୍ପ ପରିଦର୍ଶନ କରିଥିଲେ। ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଷାନଙ୍କ ନେତୃତ୍ୱରେ ତଥା ଗ୍ରାମୀଣ ଓ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରିତିରଞ୍ଜନ ଘଡ଼େଇଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସେମାନେ ଯାଇଥିଲେ। ସ୍ଥାନୀୟ ବିଜେଡି ନେତୃବୃନ୍ଦ, ରାଜଗାଙ୍ଗପୁର ପୌରାଧକ୍ଷା ମାଧୁରୀ ଲୁଗୁନ, ଅମରେଶ ପଣ୍ଡା, ବସନ୍ତ ଟପ୍ପୋଙ୍କ ସହ ପ୍ରତି ବ୍ଲକର ନେତୃବୃନ୍ଦ ସେଠାରେ ଉପସ୍ଥିତ ଥିଲେ।

### ଧର୍ମଘଟ ପାଇଁ ସିଆଇଟିୟୁର ପ୍ରସ୍ତୁତି

**ରାଉରକେଲା,୮।୨(ଦିନେଶ ମିଶ୍ର):** କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ମୋଦି ସରକାରଙ୍କ ଶ୍ରମିକ, କୃଷକ ତଥା ଜନବିରୋଧୀ ନୀତି ବିରୋଧରେ ସମସ୍ତ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ, କେନ୍ଦ୍ରୀୟ ଫେଡେରେଶନ ଓ ସଂଯୁକ୍ତ କିଷାନ ମୋର୍ଚ୍ଚା ଆଗାମୀ ୧୬ ତାରିଖରେ ଦେଶବ୍ୟାପୀ ଧର୍ମଘଟ ଡାକରା ଦେଇଛନ୍ତି। ଏହି ଦିନିକିଆ ସର୍ବଭାରତୀୟ ଧର୍ମଘଟକୁ ସୁନ୍ଦରଗଡ଼ ଜିଲାରେ ସଫଳ କରିବା ପାଇଁ ଗୁରୁବାର ସିଆଇଟିୟୁ, ସୁନ୍ଦରଗଡ଼ ଜିଲା କର୍ମକର୍ତ୍ତା କମିଟି ବୈଠକ ସେକ୍ଟର ୧୬ ଶ୍ରମିକ ଭବନରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି ଯୋଗଦେଇ ଏହି ଧର୍ମଘଟକୁ ସୁନ୍ଦରଗଡ଼ ଜିଲାରେ ସଫଳ କରିବା ସହିତ ମୋଦି ସରକାରଙ୍କ ଗତ ୧୦ବର୍ଷ ଧରି ଦେଶର ଶ୍ରମିକ, କୃଷକ ଓ ସାଧାରଣ ଜନତାଙ୍କୁ ଯେପରି ଭାବେ ଶୋଷଣ କରିଛନ୍ତି ତାର ପ୍ରତିବାଦରେ ସାଧାରଣ ଜନତା ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ସିଆଇଟିୟୁ ଜିଲା ଉପସଭାପତି ଶ୍ରୀମନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲା ସାଧାରଣ ସମ୍ପାଦକ ତଥା ରାଜ୍ୟ ଉପସଭାପତି ବିମାନ ମାଇତି, ରାଜ୍ୟ ଉପସଭାପତି ଜାହାଙ୍ଗୀର ଅଲ୍ଲୀ, ରାଜ୍ୟ ସମ୍ପାଦକ ବସନ୍ତ ନାୟକ, ଶକୁନ୍ତଳା ମହାକୁଡ, ହୃଦୟାନନ୍ଦ ଯାଦବ, ସୁରେନ୍ଦ୍ର ଦାଶ, ରାଜ କିଶୋର ପ୍ରଧାନ, ବି. ପି. ମହାପାତ୍ର, ତାଜମୁନ ନେହାର, ଅଜୟ ଶର୍ମା, ଯଯାତି କେଶରୀ ସାହୁ, ଅକ୍ଷୟ ମହାନ୍ତ, ଅଜିତ ଏକ୍କା, ଗୌରୀଶଙ୍କର ପାତ୍ର, ଲକ୍ଷ୍ମୀଧର ନାୟକ, ପ୍ରଭାତ ମହାନ୍ତି, ବିଶ୍ୱଜିତ ମାଝୀ, ଦିବାକର ମହାରଣା, ଅରୁଣ ମହାରଣା, ସମ୍ମିତ ସ୍ୱାଇଁ, ବଛିରାମ ବେହେରା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଆତ୍ମରକ୍ଷା ତାଲିମ ଶିବିର

**ଦେଓଗାଁ, ୮।୨ (କୃଷ୍ଣପ୍ରସାଦ ପାଣିଗ୍ରାହୀ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଠଦିନ ଧରି ହେବାକୁ ଥିବା ଛାତ୍ରୀମାନଙ୍କ ଆତ୍ମରକ୍ଷା ତାଲିମ ଶିବିର ଗୁରୁବାର ଉଦଘାଟିତ ହୋଇଯାଇଛି। ପ୍ରାଧାପକ ରଞ୍ଜନ କୁମାର ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଶାଶ୍ୱତ ଡିଗ୍ରୀ କଲେଜ ଅଧ୍ୟକ୍ଷ ପୁରୁଷୋତ୍ତମ ମେହେର ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ।



ସୁନ୍ଦରଗଡ ଜିଲା ବଡ଼ଗାଁ ନିକଟ ଚଳନାମୁଣ୍ଡାଠାରେ ବ୍ଲକ ସ୍ତରୀୟ ଖଡିଆ ସମାଜ ସମାବେଶରେ ଯୋଗଦେଇଥିବା କର୍ମକର୍ତ୍ତା।

# ଏକତା, ସାମାଜିକ ସଙ୍ଗଠନକୁ ଦୃଢ଼ କରିବାକୁ ଆହ୍ୱାନ

**ବ୍ଲକ ସ୍ତରୀୟ ଖଡିଆ ସମାଜ ସମାବେଶ**

**ବଡ଼ଗାଁ,୮।୨(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ନିକଟ ଚଳନାମୁଣ୍ଡାଠାରେ ବ୍ଲକ ସ୍ତରୀୟ ଖଡିଆ ସମାଜର ସମାବେଶ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ସମାଜର ରାଜ୍ୟ ସଭାପତି ତଥା ବିଜେଡି ନେତା ନୃପ ଚରଣ ଦଣ୍ଡସେନା ଯୋଗଦେଇ ସମାଜର ପରମ୍ପରା, ଚାଲିଚଳନ,ରାଜନୀତି ଓ ଶିକ୍ଷାର ବିକାଶ ଉପରେ ଆଲୋଚନା କରିଥିଲେ। ସମାଜକୁ ନିଶାମୁକ୍ତ କରିବାକୁ ସେ ଅନୁରୋଧ କରିଥିଲେ। ବଡ଼ଗାଁ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ ମୁଖ୍ୟ ବକ୍ତାଭାବେ ଯୋଗଦେଇ ସମାଜର ସମସ୍ତ ପରିବାର ସରକାରୀ ସୁବିଧା ହାସଲ କରିବାକୁ କହିଥିଲେ। ଅନ୍ୟତମ ଅତିଥି ଖଡ଼ିଆ ସମାଜର ସଂଗଠକ ତଥା ଜିଲା ଭାଜପା ଉପ ସଭାପତି ବସନ୍ତ ଡନସନା ସମାଜର ଏକତାକୁ ବଜାୟ ରଖିବା ଓ ପ୍ରତ୍ୟେକ ପରିବାରର ପିଲାମାନେ ଶିକ୍ଷାରୁ ବଞ୍ଚିତ କିପରି ନ ହେବେ ସେ ନେଇ ଆଲୋଚନା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବାଗ ଓ ଦୁର୍ଜନ ବାଗ ସମାଜ ଲୋକଙ୍କ ମଧ୍ୟରେ ଏକତା ଓ ସାମାଜିକ ସଂଗଠନକୁ ଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମ ଆୟୋଜନରେ ସମାଜର ସଂଗଠକ ଯୋଗିନ୍ଦ୍ର କୁମାର୍ ନାଏକ, ରାଜ କୁମାର୍ ମାଝି, ପରୀକ୍ଷିତ ବାଗ, ମନୋଜ ଖଡ଼ିଆ, ରଘୁନାଥ ଦଣ୍ଡସେନା, ଅଭିମନ୍ୟୁ ଦଣ୍ଡସେନା, କଳାକାହ୍ନୁ ଦଣ୍ଡସେନା, କ୍ରିଷ୍ଟା ନାଏକ, ରୋହିତ ଦଣ୍ଡସେନା, ରାଜକୁମାର ଦଣ୍ଡସେନା ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ। ସମାବେଶରେ ବ୍ଲକ ଅଞ୍ଚଳର ସାମାଜିକ ବ୍ୟକ୍ତିମାନେ ଯୋଗଦେଇଥିଲେ।

# ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



**ରାଜଗାଙ୍ଗପୁର,୮।୨(ଅଶୋକ ପାଣି)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସରବତୀ ଦେବି ମହିଳା ମହାବିଦ୍ୟାଳୟରେ ବୁଧବାର ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ବିପିନ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଡାଲମିଆ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ବାବୁଲାଲ ବେହେରା ଓ ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପିକା କୌସଲ୍ୟା ଅଗ୍ରୱାଲ ଯୋଗଦେଇଥିଲେ। ଆତ୍ମରକ୍ଷା ଶିବିରର ପରିଚାଳିକା ରଶ୍ମିତା ମଲ୍ଲିକ ଏହି ସମାରୋହକୁ ପରିଚାଳନା କରିଥିଲେ। ମୁଖ୍ୟବକ୍ତା ଛାତ୍ରୀଙ୍କୁ ଏହି ଶିବିରର ଉପକାରିତା ଉପରେ କହିଥିଲେ। ମୁଖ୍ୟ ଅତିଥି ଛାତ୍ରୀଙ୍କୁ ଶିଖିଥିବା ଆତ୍ମରକ୍ଷାର କୌଶଳ ସବୁଦିନ ଅଭ୍ୟାସ ରଖିବା ପାଇଁ ଗୁରୁତ୍ୱାରୋପ କରିଥିଲେ। ଶେଷରେ ଅଧାପକ ଭୂଷଣ ପୁହାଲା ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନା ଅନୁଯାୟୀ, ୫୭୩ ଜଣ ଛାତ୍ରୀ ଏହି ଆତ୍ମରକ୍ଷାର ତାଲିମ ପ୍ରାପ୍ତ କରିଛନ୍ତି।

# କୁତୁର୍ଲା ଓ ମୁରସିଂରୁ ଚୋରି, ଜଣେ ଗିରଫ

**ଦେଓଗାଁ ୮।୨ (କୃଷ୍ଣପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ କୁତୁର୍ଲା ଓ ମୁରସିଂରେ ସିରିଜ୍ ଚୋରି ହୋଇଥିଲା। ନୂତନ ଥାନାଧିକାରୀ ହରିବନ୍ଧୁ ଗଡତ୍ୟା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏ ନେଇ ଏକ ମାମଲା( ୨୯/୨୪)ରୁଜୁ ହୋଇଥିଲା। ଗୁରୁବାର ମୁରସିଂ ଗାଁର ସମୀର ବାଗ (୨୧)ଙ୍କୁ ସନ୍ଦେହରେ ଥାନାକୁ ଆଣି ପଚରାଉଚରା କରିବା ସମୟରେ ସେ ଚୋରି କରିଥିବା ସ୍ୱୀକାର କରିଥିଲେ। ତାଙ୍କଠାରୁ କିଛି ଟଙ୍କା ଜବତ କରାଯାଇଥିଲା। ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ପ୍ରକାଶଯେ, ମୁରସିଂର ଅଘରିଆପଡାର ଲକ୍ଷ୍ମୀ ନାଏକଙ୍କ ଘର କବାଟ ଭାଙ୍ଗି ଘରୁ ୨୦ ହଜାର ଟଙ୍କା ଚୋରି ହୋଇଥିବା ବେଳେ ସୁମନ୍ତ ନନ୍ଦଙ୍କ ଝରକା ଭାଙ୍ଗି ନ ପାର ଚୋର ପଳାଇଥିଲେ। ଆମ୍ବପାଲିର ମିଲେଶ ପୋଦ୍ଦଙ୍କ ମୋବାଇଲ ଦୋକାନରୁ ମୋବାଇଲ ଓ ଟଙ୍କା ଚୋରି କରିନେଇଥିବା ଅଭିଯୋଗ ହୋଇଥିଲା।

# ଦାଦନ ଶ୍ରମିକ ଚାଲାଣ ସଚେତନତା କର୍ମଶାଳା

**କଣ୍ଟାବାଞ୍ଜି, ୮।୧( ଗୁରୁଦୟାଲ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସିଭିଲ କୋର୍ଟ ପରିସରରେ ଗୁରୁବାର ଦାଦନ ଶ୍ରମିକ ଚାଲାଣ ସମ୍ପର୍କିତ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କଣ୍ଟାବାଞ୍ଜି ତାଲୁକ ଆଇନ ସେବା କମିଟି ଆୟୋଜିତ କର୍ମଶାଳାରେ ଅଧ୍ୟକ୍ଷତା କରିଥିଲେ ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ୍ ହିମାଂଶୁ ଶେଖର ମଲ୍ଲିକ। କର୍ମଶାଳାରେ ଅତିଥିଭାବେ ସବ୍‌ଜଜ୍ ପରିତୋଷ ସେଠୀ, ଜେଏମଏଫସି ରାହୁଲ କୁମାର ଜେନା ମଞ୍ଚାସୀନ ଥିଲେ। ଜେଏମ୍‌ଏଫ୍‌ସି ଜେନା ଦାଦନ ଶ୍ରମିକଙ୍କ କାର୍ଯ୍ୟସ୍ଥଳୀରେ ଉପଲବ୍ଧ ଥିବା ବିଭିନ୍ନ ଆଇନ ଓ ଅଧିକାର ଉପରେ ଅବଗତ କରିଥିଲେ। ସବ୍‌ଜଜ୍ ସେଠୀ ଦାଦନ ଶ୍ରମିକମାନଙ୍କ ମୌଳିକ ଅଧିକାର ଏବଂ ସେମାନଙ୍କ କାର୍ଯ୍ୟସ୍ଥଳୀରେ ଆଇନର କେଉଁ କେଉଁ ସୁବିଧା ସୁଯୋଗ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଇଥାଏ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ମୋହନଲାଲ ଶର୍ମା, ଦୁଃଖିଶ୍ୟାମ ଗୁରୁ, ଅଶୋକ ଦାସ, ମନୋଜ ଦାସ, ଅଧ୍ୟାପକ ଡ. ସଞ୍ଜୟ କୁମାର ମିଶ୍ର, ପିଏଲଏଭି କାହ୍ନୁ ଚରଣ ମିଶ୍ର ଦାଦନ ଶ୍ରମିକ ଚାଲାଣ ସମସ୍ୟାର ନିରାକରଣ ପାଇଁ ସରକାର ଯତ୍ନଶୀଳ ହେବା ଉଚିତ ବୋଲି କହିଥିଲେ।

# ଚିକିତ୍ସାରେ ଅବହେଳା, କାର୍ଯ୍ୟାନୁଷ୍ଠାନ ଦାବି

**ସୁନ୍ଦରଗଡ଼,୮।୨(ଜୟ ନାରାୟଣ ମେଣ୍ଡୁଲି)**

ଗତ କିଛି ଦିନ ପୂର୍ବରୁ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାରେ ଆମ୍ବୁଲାନ୍ସ ନ ମିଳିବାରୁ କାନ୍ଧରେ ମୃତଦେହ ବୁହା ହେବା ଘଟଣା ଚର୍ଚ୍ଚାର ବିଷୟ ପାଲଟି ଥିଲା। ଏବେ ପୁଣି ରୋଗୀସେବାରେ ଅବହେଳା ଅଭିଯୋଗ ଆସିଛି। ଗତ ୨ଦିନ ତଳେ ହେମଗିର ବ୍ଲକ ଗୋପାଳପୁର କୋଇଲା ଖଣି ଅଞ୍ଚଳରେ ଜଣେ ଟ୍ରକ ଡ୍ରାଇଭର ମୁସ୍ତାକ ଅଂସାରୀଙ୍କ ଦୁର୍ଘଟଣାରେ ଗୋଡ଼ ଭାଙ୍ଗି ଯାଇଥିଲା। ସେ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାରେ ଦେଖାଇଥିଲେ। ତାଙ୍କୁ ପୁରୁଷ ୱାର୍ଡରେ ଭର୍ତ୍ତି କରାଯାଇଥିଲା। ହେଲେ ୨ଦିନ ଧରି ପଡି ରହିବା ସତ୍ତ୍ୱେ ତାଙ୍କର ଉପଯୁକ୍ତ ଚିକିତ୍ସା କରା ନ ଯିବା ଏବଂ ବାରମ୍ବାର ଅନୁରୋଧ ପରେ ପ୍ଲାଷ୍ଟର କରା ନ ଯିବା ଯୋଗୁ ଶେଷରେ ସେ ବାଧ ହୋଇ ନିଜ ଗ୍ରାମ ଔରଙ୍ଗବାଦ ପଳାଇ ଆସିଥିଲେ। ଏନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଧରଣୀ ରଞ୍ଜନ ଶତପଥୀଙ୍କୁ ପଚାରିବାରୁ, ଏହି ଅଭିଯୋଗ ଉପରେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ କହିଛନ୍ତି। ଚିକିତ୍ସାରେ ଅବହେଳା କରିଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟ ଚିକିତ୍ସାଧିକାରୀ ଶତପଥୀ କହିଛନ୍ତି।

# ସୁନ୍ଦରଗଡ ମହିଳା ପୁରୁଷ ଦଳ ବିଜୟୀ



ବିଜୟୀ ପୁରୁଷ ଖେଳାଳିଗଣ।

**ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ**

**ସୁନ୍ଦରଗଡ,୮।୨(ଜୟ ନାରାୟଣ ମେଣ୍ଡୁଲି)**

ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱର ୟୁନିଟ ଫୁଟବଲ ଏକାଡେମୀ ଖେଳ ପଡିଆରେ ଆୟୋଜିତ ନୂଆ-ଓ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତାରେ ଗୁରୁବାର ସୁନ୍ଦରଗଡ ଜିଲାର ଉଭୟ ମହିଳା ଓ ପୁରୁଷ ଦଳ ବିଜୟୀ ହୋଇଛନ୍ତି। ପୁରୁଷ ଦଳ ମ୍ୟାଚ୍ ସୁନ୍ଦରଗଡ ଓ ନୂଆପଡା ଜିଲା ମଧ୍ୟରେ ହୋଇଥିଲା। ଏଥିରେ ସୁନ୍ଦରଗଡ ଦଳ ୪-୦ ଗୋଲରେ ବିଜୟୀ ହୋଇଛି। ସୁନ୍ଦରଗଡ ଦଳ ତରଫରୁ ଦୀପକ ମୁଣ୍ଡା ଓ ଆକାଶ ବେକ ୨ଟି ଲେଖାଏ ଗୋଲ କରିବାରେ ସକ୍ଷମ ହୋଇଥିଲେ। ସେହିପରି ମହିଳା ଦଳ ମ୍ୟାଚ୍ ମଧ୍ୟ ସୁନ୍ଦରଗଡ ଓ ନୂଆପଡା ମଧ୍ୟରେ ହୋଇଥିଲା। ଏଥିରେ ସୁନ୍ଦରଗଡ ଦଳ ୭-୦ ଗୋଲରେ ବିଜୟୀ ହୋଇଛି। ସୁନ୍ଦରଗଡ ଦଳର ଜ୍ୟୋତ୍ସ୍ନା ଲାକ୍ରା ହ୍ୟାଟ୍ରିକ ଗୋଲ କରିଥିବା ବେଳେ ସରୋଜ ତିର୍କୀ, ଆଶ୍ରିତା କାଙ୍ଗାଡି, ତୁଳସୀର ଟପ୍ପୋ, ଗଙ୍ଗମଣି ମାରାଣ୍ଡି ଗୋଟିଏ ଲେଖାଏଁ ଗୋଲ କରିବାର ସଫଳ ହୋଇଥିଲେ। ଏଥିସହିତ ସୁନ୍ଦରଗଡ ଜିଲାର ଉଭୟ ମହିଳା ଓ ପୁରୁଷ ଦଳ ପ୍ରି-କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଦଳରେ ସଫଳତା ପାଇଁ ଜିଲା କ୍ରୀଡ଼ା ସଂସଦ ଓ ଜିଲା ପ୍ରଶାସନ ତରଫରୁ ଖେଳାଳିମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ସୌରଚାଳିତ ନଳକୂପ ଅଚଳ, ମରାମତି ହେଉନି

**ପାଣି ପାଇଁ ଲୋକେ ଡହଳ ବିକଳ**

**କୁଆଁରମୁଣ୍ଡା,୮।୨(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ଗ୍ରାମର ସରବେରନୀରେ ଥିବା ଏକ ସୌରଚାଳିତ ନଳକୂପ ଏକ ମାସ ହେଲା ଅଚଳ ହୋଇପଡିଛି। ଫଳରେ ୫୦ରୁ ଊର୍ଦ୍ଧ୍ୱ ବସ୍ତି ବାସିନ୍ଦା ପାଣି ପାଇଁ ଡହଳ ବିକଳ ହେଉଛନ୍ତି। ଏହି ଅଞ୍ଚଳଟି କୁଆଁରମୁଣ୍ଡା ବ୍ଲକର ତଳ ପାର୍ଶ୍ୱକୁ ଲାଗି ରହିଥିଲେ ମଧ୍ୟ ବସ୍ତିବାସୀଙ୍କ ଏହି ସମସ୍ୟା ସମାଧାନ ହୋଇପାରୁନାହିଁ। ଉକ୍ତ ନଳକୂପରୁ ପାଇପ୍ ଜରିଆରେ ୩ ଟି ସ୍ଥାନରେ ନିର୍ମିତ ଷ୍ଟାଣ୍ଡ ପୋଷ୍ଟକୁ ଜଳ ଯୋଗାଇ ଦିଆଯାଉଥିବା ବ୍ୟବସ୍ଥା ଏବେ ସଂପୂର୍ଣ୍ଣ ଅଚଳ ହୋଇପଡ଼ିବାରୁ ବସ୍ତିବାସୀ ସ୍ନାନ ଶୌଚ ପାଇଁ ବହୁ ହଇରାଣ ହେଉଛନ୍ତି। ଏ ନେଇ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ବନ୍ଦିତା ପ୍ରିୟଦର୍ଶିନୀ ସାମଲଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିଲା। ଏହି ସମସ୍ୟା ସମ୍ପର୍କରେ କୁଆଁରମୁଣ୍ଡା ବିଡିଓ ଗଙ୍ଗାରାମ ବୁଡେକଙ୍କୁ ଯୋଗାଯୋଗ କରାଯିବାରୁ, ଉକ୍ତ ନଳକୂପର ଶୀଘ୍ର ମରାମତି ପାଇଁ ତ୍ୱରିତ ପଦକ୍ଷେପ ନେବି ବୋଲି କହିଛନ୍ତି।

# ଡୁମାବାହାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

**ଲେଫ୍ରିପଡା,୮।୨(ଦେଶରଞ୍ଜନ ପଟେଲ)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ ଡମାବାହାଲ ବାସୁଦେବ ସରକାରୀ ଉଚ୍ଚବିଦ୍ୟାଳୟରେ ବାର୍ଷିକ ଉତ୍ସବ ଓ ନୂଆ ଓଡିଶା ଯୁବ ଓଡିଶା କାର୍ଯ୍ୟକ୍ରମର ପୁରସ୍କାର ବିତରଣୀ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଅଧ୍ୟକ୍ଷ ଅରବିନ୍ଦ ପଟେଲଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବ୍ଲକର ଜିଲା ପରିଷଦ ସଭ୍ୟ ବୈଷ୍ଣବ ମାଝି ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ ଲେଫ୍ରିପଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ନୈନା କୁଜୁର, ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ପ୍ରଶାନ୍ତ ପୃଷେଠ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିକ୍ରମ ନାଏକ, ଅଧାପକ ଦେବେନ୍ଦ୍ର ଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ। ଅତିଥି ନୂଆ ଓଡିଶା ଯୁବ ଓଡିଶା କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇ ବିଦ୍ୟାଳୟର ଗୌରବ ଅର୍ଜନ କରିଥିବା ଛାତ୍ରୀ ରୀନା ସା ସହିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ଅଧାପିକା ଛପ୍ନା ସା, ଦିବ୍ୟା ତନ୍ତୀ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି ବୃନ୍ଦ।

# ରାଉରକେଲା କମ୍ବାଇନ ବି ଦଳ ଚାମ୍ପିୟନ

**ଜିଲା ସ୍ତରୀୟ ଆନ୍ତଃସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ**

**ସୁନ୍ଦରଗଡ,୮।୨(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ଜିଲା କ୍ରୀଡା ସଂସଦ ଏବଂ ଓଡିଶା କ୍ରିକେଟ ସଂଘର ମିଳିତ ଆନୁକୂଲ୍ୟରେ ଜିଲା କ୍ରୀଡା ସଂଘ ଷ୍ଟାଡିୟମରେ ଆୟୋଜିତ ଜିଲା ସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ ସୁନ୍ଦରଗଡ ପବ୍ଲିକ ସ୍କୁଲ ଏବଂ ରାଉରକେଲା କମ୍ବାଇନ-ବି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ସୁନ୍ଦରଗଡ ପବ୍ଲିକ ସ୍କୁଲ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୪୦ ଓଭରରେ ସୁନ୍ଦରଗଡ ପବ୍ଲିକ ସ୍କୁଲ ଦଳ ୨୯ଓଭର ୩ବଲରେ ସମସ୍ତ ଉଇକେଟ ହରାଇ ୭୧ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅମନ ବିଶ୍ୱ କର୍ମା କେବଳ ୨୪ ରନ କରିବାରେ ସଫଳ ହୋଇଥିଲେ। ରାଉରକେଲା ଦଳର ନୀଲନୀତିନ ମହାନ୍ତି ୮ଓଭରରେ ୩ମେଡେନ ସହ୧୪ରନ ଦେଇ ୫ଉଇକେଟ ନେବାରେ ସଫଳ ହୋଇଥିଲେ। ରାଉରକେଲା ଦଳ ୧୬ଓଭରରେ ୪ଉଇକେଟ ହରାଇ ୭୨ରନ ସଂଗ୍ରହ କରି ବିଜୟୀ ହୋଇଥିଲା।



ଅତିଥିଙ୍କ ଗହଣରେ ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

ରାଉରକେଲା ଦଳରେ କ୍ରିଷ୍ଣା ସିଂ ୩୭ ରନ,କୁର୍ତ୍ତୀ ଏସ ନାୟାର ୨୨ରନ କରିଥିଲେ। ପବ୍ଲିକ ସ୍କୁଲର ରିଷଭ ଆର ଚୌଧୁରୀ ୮ ଓଭରରେ ୩ମେଡେନ ନେଇ ୩ଉଇକେଟରେ ୪୧ରନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ଏସଡିଏ ଅଧ୍ୟକ୍ଷ ସନ୍ତୋଷ ଅମାତ ମୁଖ୍ୟ ଅତିଥି,ପୂର୍ବତନ ଖେଳାଳି ରବିନାରାୟଣ ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇ ଥିଲେ। ଖେଳକୁ ଆମ୍ପାୟାର ଆଶିଷ ଶର୍ମା, ଆୟୁଷ ଚୌହାନ ପରିଚାଳନା କରିଥିଲେ। ଗାଙ୍ଗୁଲି କଉଡି ଓ ଆଦର୍ଶ ଚୌଧୁରୀ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଓସିଏ ସମ୍ପାଦକ ସଞ୍ଜୟ ବେହେରା ଜିଲାରେ ସ୍କୁଲ ସ୍ତରରୁ କ୍ରିକେଟ ଖେଳାଳି ଚୟନ ପ୍ରକ୍ରିୟା ମାଧ୍ୟମରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଖେଳାଳିଙ୍କୁ ପ୍ରୋତ୍ସାହନ କରି ଓଡ଼ିଶାରେ କ୍ରିକେଟର ବିକାଶ ଧାରାକୁ ତରାନ୍ୱିତ କରୁଥିବାରୁ ମୁଖ୍ୟଅତିଥି ଅମାତ ଭୂୟସୀ ପ୍ରଂଶସା କରିଥିଲେ। ଜିଲା କ୍ରିଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ, ସହସମ୍ପାଦକ ଜୟଦେବ ପାତ୍ର,ଉପ ସମମ୍ପାଦକ ବିମଳ ବୋଷ, ରାଜେନ୍ଦ୍ର ପଣ୍ଡା ପ୍ରସାଦ ନାଏକ,କ୍ରିକେଟ ସମ୍ପାଦକ ଶିଶିର ପଟେଲ,ସିଦ୍ଧାନ୍ତ ପଣ୍ଡା, ନିତ୍ୟ କୁମାର ବଳ, ରାଜେନ୍ଦ୍ର ରାଉତ ପ୍ରମୁଖ ସଭ୍ୟଙ୍କ ତତ୍ତ୍ୱାବଧାନରେ ଏହି ଟୁର୍ଣ୍ଣାମେଣ୍ଟ ପରିଚାଳିତ ହୋଇଥିଲା।

## ସଂକ୍ଷେପରେ

### ଗଣିତ, ବିଜ୍ଞାନ ଅଲିମ୍ପିଆଡ୍ ପ୍ରତିଯୋଗିତା

ଦେବଗଡ଼,୮।୨(ଶଶାଙ୍କ ଶେଖର ଝାଙ୍କର): ଦେବଗଡ ଜିଲାର ସର୍ବ ପୁରାତନ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟରେ ଗଣିତ ଓ ବିଜ୍ଞାନ ଅଲିମ୍ପିଆଡ ପ୍ରତିଯୋଗିତା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୭୦ ଜଣ ଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଈଶ୍ୱର ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଟାଉନ ହାଇସ୍କୁଲର ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ସତ୍ୟ ନାରାୟଣ ସାହୁ ଓ ସମ୍ମାନୀତ ଅତିଥିଭାବେ ପୌରାଞ୍ଚଳ ସିଆର୍‌ସିସି ଚୂଡାମଣି ସାହୁ ଯୋଗଦେଇ ଏକବିଂଶ ଶତାବ୍ଦୀରେ ଗଣିତ ଏବଂ ବିଜ୍ଞାନର ଆବଶ୍ୟକତା ଓ ପ୍ରୟୋଗ ଉପରେ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଗଣିତ ଓ ବିଜ୍ଞାନ ଅଲିମ୍ପିଆଡ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଗଣିତ ଓ ବିଜ୍ଞାନ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ।

### ରିଆମାଳ ହାଇସ୍କୁଲ ବିଜୟୀ
**ଆନ୍ତଃ ଜିଲା ସ୍କୁଲ ଟୁର୍ନାମେଣ୍ଟ**

ଦେବଗଡ଼,୮।୨(ଶଶାଙ୍କ ଶେଖର ଝାଙ୍କର): ଦେବଗଡ଼ ଜିଲା କ୍ରିକେଟ ସଂଘ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମଠାରେ ଅନୁଷ୍ଠିତ ହେଉଥିବା ଆନ୍ତଃ ଜିଲା ସ୍କୁଲ ଟୁର୍ନାମେଣ୍ଟର ଗୁରୁବାର ମ୍ୟାଚ ଆଦର୍ଶ ବିଦ୍ୟାଳୟ ତିଲେଇବନି ଓ ରିଆମାଳ ହାଇସ୍କୁଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆଦର୍ଶ ବିଦ୍ୟାଳୟ ତିଲେଇବନିକୁ ୭ ଉଇକେଟରେ ପରାସ୍ତ କରି ରିଆମାଳ ହାଇସ୍କୁଲ ବିଜୟୀ ହୋଇଥିଲା। ଆଦର୍ଶ ବିଦ୍ୟାଳୟ ତିଲେଇବନି ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରୁ ୨୨.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୨୦ ରନ କରିଥିଲା। ଦଳ ପକ୍ଷରୁ ପ୍ରତ୍ୟୁଷ ମହାକୁଳ ୧୬ ଓ କ୍ରିସ କୁମାର ବେହେରା ୧୬ ରନ କରିଥିବା ବେଳେ ରିଆମାଳ ଦଳର ପ୍ରେମ ଚାନ୍ଦ ବେହେରା ୪ ଉଇକେଟ ନେଇଥିଲେ। ଏହାର ଜବାବରେ ରିଆମାଳ ଦଳ ୯.୨ ଓଭରରେ ୩ ଉଇକେଟ ହରାଇ ୧୨୪ ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ନିତେସ ମହାକୁଳ ଅପରାଜିତା ୨୧ ଓ ତୁଷାର ସାହୁ ୧୯ ରନ କରିଥିବା ବେଳେ ତିଲେଇବନି ଦଳର ପ୍ରତ୍ୟୁଷ ମହାକୁଳ ୩ଟି ଉଇକେଟ ନେଇଥିଲେ। ଆଜିର ମ୍ୟାଚକୁ ଅମ୍ପାୟାର ନବୀନ ରାଉଳ ଓ ରାଜା ରାଣା ସ୍କୋରର ଭାବେ ସୌମ୍ୟ ରଞ୍ଜନ ନାୟକ , ରିତିକ ଦେହୁରୀ ଏବଂ ବେଣୁଧର ଗଡ଼ନାୟକ ଧାରା ବିବରଣୀ ଦେଇଥିଲେ। ଶୁକ୍ରବାର ମ୍ୟାଚ କେନ୍ଦ୍ରୀୟ ବିଦ୍ୟାଳୟ ଦେବଗଡ଼ ଓ ରିଆମାଳ ହାଇସ୍କୁଲ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଜିଲା କ୍ରିକେଟ ସଂଘ ସମ୍ପାଦକ ସୁଜିତ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

### କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀ ସମ୍ବର୍ଦ୍ଧିତ

ସମ୍ବଲପୁର,୮।୨(ପ୍ରମୋଦ ବହିଦାର): ଗତ ସାଧାରଣତନ୍ତ୍ର ଦିବସ ଅବସରରେ ନୂଆଦିଲ୍ଲୀରେ ଆୟୋଜିତ କର୍ତ୍ତବ୍ୟପଥ ପରେଡ୍‌ରେ ଏନ୍‌ସିସି କ୍ୟାଡେଟ୍ ଭାବେ ଭାଗ ନେଇଥିବା ସମ୍ବଲପୁର କେନ୍ଦ୍ରୀୟ ବିଦ୍ୟାଳୟ-୧ର ନବମ ଶ୍ରେଣୀ ଛାତ୍ରୀ ପ୍ରିୟମ୍ବଦା ପାଣିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ସଂଜୟ ସିଂ ପ୍ରିୟମ୍ବଦାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରି ଅଭିନନ୍ଦନ ଜଣାଇଥିଲେ।

# ପ୍ରଧାନପାଟ ଜଳପ୍ରପାତ ଇକୋ ଟୁରିଜମରେ ସାମିଲ ହେବ

ଦେବଗଡ,୮।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲାର ପର୍ଯ୍ୟଟନ ସ୍ଥଳୀକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ବନବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଜିଲାର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ପ୍ରଧାନପାଟ ଜଳ ପ୍ରପାତରୁ ଏହାର ଶୁଭାରମ୍ଭ ହୋଇଛି। ଏହି ଉପଲକ୍ଷେ ଗୁରୁବାର ସକାଳେ ବିଭିନ୍ନ ଶିକ୍ଷାନୁଷ୍ଠାନର ଏନ୍‌ସିସି.କ୍ୟାଡେଟ, ସ୍କାଉଟ ଗାଇଡ, ରେଡକ୍ରଶ, ବନବିଭାଗ କର୍ମଚାରୀ ଓ ଗଜ ସାଥି ମାନେ ଦେବଗଡ ବନଖଣ୍ଡ କାର୍ଯ୍ୟାଳୟରୁ ବିଭିନ୍ନ ସଚେତନତା ମୂଳକ ପ୍ଲାକାର୍ଡ ଓ ସ୍ଲୋଗାନ ସହିତ ଏକ ଶୋଭାଯାତ୍ରାରେ ବାହାରି ପ୍ରଧାନପାଟ ଜଳପ୍ରପାତରେ ପହଞ୍ଚିଥିଲେ। ଏହି ଶୋଭାଯାତ୍ରାକୁ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଲଳିତ ମୋହନ ସାହୁ ଓ ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରା ପ୍ରଧାନପାଟ ଜଳପ୍ରପାତ ପାଦଦେଶରେ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

ପହଞ୍ଚିବା ପରେ ସେଠାରେ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାପରେ ଦେବଗଡ ବନପାଳ ଭୀମସେନ ଶତପଥିଙ୍କ ପରିଚାଳନାରେ ଆୟୋଜିତ ସଚେତନତା ସଭାରେ ବନଖଣ୍ଡ ଅଧିକାରୀ ମଗର ଧାନାଜୀ ରାଓସୋ, ଅବୈତନିକ ବନ୍ୟପ୍ରାଣୀ

**ବନବିଭାଗ ପକ୍ଷରୁ ସଚେତନତା ଶୋଭାଯାତ୍ରା, ସଫେଇ କାର୍ଯ୍ୟକ୍ରମ**

ତତ୍ତ୍ୱାବଧାରକ ସାହୁ ଓ ଜିଲା ବରିଷ୍ଠ ନାଗରିକ ଫୋରମର ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର ଯୋଗଦେଇ ପ୍ଲାଷ୍ଟିକ ବ୍ୟବହାରର ଅପକାରିତା ଉପରେ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ପ୍ରଧାନପାଟ ଜଳପ୍ରପାତ ସମେତ ଜିଲାର ଅନ୍ୟାନ୍ୟ ସମସ୍ତ ପର୍ଯ୍ୟଟନ ସ୍ଥଳୀକୁ ପ୍ଲାଷ୍ଟିକ ମୁକ୍ତ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଦେବଗଡ ବନଖଣ୍ଡ ଅଧିକାରୀ ରାଓସୋ ଖୁବଶୀଘ୍ର ପ୍ରଧାନପାଟ ଜଳପ୍ରପାତ ଇକୋ ଟୁରିଜିମରେ ସାମିଲ ହେବ ଓ ଏହାକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ପ୍ରୟାଶ ଆରମ୍ଭ ହୋଇଥିବା ସୂଚନା ଦେଇଥିଲେ। ଏଥିସହ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଶ୍ୱ ଶ୍ରଷ୍ଟା ଗଠନ ଭବନର ପ୍ରତିଷ୍ଠାତା ଭ୍ରାତୃ କୁମାର ପ୍ରଫୁଲ୍ଲ, ତିଲେଇବଣି ବ୍ଲକ ପୂର୍ବତନ ଅଧ୍ୟକ୍ଷ ବିଭୂତି ଗଙ୍ଗଦେବ, ବରିଷ୍ଠ ନାଗରିକ ରାମଚନ୍ଦ୍ର ମହାପାତ୍ର ଓ ଗୌରହରି ଷଡଙ୍ଗୀ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ। ସଭାରେ ଦେବଗଡ ବନାଞ୍ଚଳ ଅଧିକାରୀ ଦିବ୍ୟଶଙ୍କର ବେହେରା ଓ ରିଆମାଳ ବନାଞ୍ଚଳ ଅଧିକାରୀ ନିରଞ୍ଜନ ଧରୁଆ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ବନ ବିଭାଗ କର୍ମଚାରୀ ଭୋଳେଶ୍ୱର ସାହୁଙ୍କ ସମେତ ବହୁ ବନପାଳ, ବନରକ୍ଷୀ, ଫରେଷ୍ଟ ପ୍ରଟେକ୍ସନ ସ୍କାର୍ଡର ସଦସ୍ୟ ଓ ଗଜସାଥୀ ସକ୍ରୀୟ ସହଯୋଗ କରିଥିଲେ।

### ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଦେବଗଡ଼,୮।୨(ଶଶାଙ୍କ ଶେଖର ଝାଙ୍କର)

ତିଲେଇବଣି ବ୍ଲକ ସୁଗୁଡା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୩୦ରୁ ଚାଲିଥିବା ଛାତ୍ରୀ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ସନ୍ତୋଷ କୁମାର ଦେବତାଙ୍କ ସଭାପତିତ୍ୱ ଓ ସଂଯୋଜକ ବିଜୟ କୁମାର ଶତପଥିଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ ଡମ୍ବରୁଧର ପ୍ରଦାନ ଯୋଗଦେଇ ଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ଛାତ୍ରୀଙ୍କ ପାଇଁ ଆତ୍ମ ସୁରକ୍ଷା ତାଲିମର ପ୍ରାସଙ୍ଗିକତା ଓ ଆବଶ୍ୟକତା ଉପରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏଥିସହ ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ୮ଦିନ ଧରି ଅନୁଷ୍ଠିତ ହୋଇଥିବା ଉକ୍ତ ପ୍ରଶିକ୍ଷଣ ଶିବିରରେ ମାଷ୍ଟର ଟ୍ରେନର ଭାବେ ପୁନମ ନାୟକ ଯୋଗଦେଇ ଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅନୁଷ୍ଠାନର ସମସ୍ତ ଅଧ୍ୟାପିକା ଅଧ୍ୟାପିକ ଉପସ୍ଥିତ ଥିଲେ। ଶେଷରେ ଅଧ୍ୟାପକ ରଞ୍ଜନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଟାଇଁସର କ୍ରିକେଟ କ୍ଲବ ଚାମ୍ପିୟନ

**ପଞ୍ଚଦିବସୀୟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ**

ଦେବଗଡ଼,୮।୨(ଶଶାଙ୍କ ଶେଖର ଝାଙ୍କର)

ତିଲେଇବଣି ବ୍ଲକ ବରଘାଟ ଗ୍ରାମରେ ମାନବ ମିତ୍ର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଗତ ୪ ତାରିଖରୁ ଚାଲିଥିବା ପଞ୍ଚ ଦିବସୀୟ କ୍ରିକେଟ ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ରିଆମାଳ ବ୍ଲକର ତାବଡା କ୍ରିକେଟ କ୍ଲବକୁ ୨୨ ରନରେ ପରାସ୍ତ କରି ତିଲେଇବଣି ବ୍ଲକର ଟାଇଁସର କ୍ରିକେଟ କ୍ଲବ ଚାମ୍ପିୟନ ହୋଇଥିଲା। ଫାଇନାଲ ମ୍ୟାଚକୁ ଅମ୍ପାୟାର ଭାବେ ଉମାକେତନ ଓ ରିଲୁ ପରିଚାଳନା କରିଥିଲେ। ଅପରାହ୍ନରେ ମାନବ ମିତ୍ର କ୍ରିକେଟ କ୍ଲବ ସଭାପତି ଡୋଳାମଣି ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ


ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

ବିଜେଡି ରାଜ୍ୟ ସମ୍ପାଦକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥିଭାବେ ବାରକୋଟ ବ୍ଲକ ବିଜେଡି ସଭାପତି ହୀରାଲାଲ ସାହୁ ଓ ତିଲେଇବଣି ବ୍ଲକ ଯୁବ ବିଜେଡି ସଭାପତି ସୁନୀଲ କୁମାର ସାହୁ ଯୋଗଦେଇ ଚାମ୍ପିୟନ ଟାଇଁସର କ୍ରିକେଟ କ୍ଲବ ଓ ରନର୍ସ ଅପ୍ ତାବଡା କ୍ରିକେଟ କ୍ଲବକୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତା ଆୟୋଜନରେ କ୍ଲବର ସଦସ୍ୟ ଗୌରବ, ଟିକୁନ, ଚଗଲା, ସୁବ୍ରତ, ପପୁ, ସରୋଜ, କାଳିନ୍ଦ୍ରୀ, ସନତ ଓ ଶ୍ରୀତମ ପ୍ରମୁଖ ସକ୍ରୀୟ ସହଯୋଗ କରିଥିଲେ। ଶେଷରେ କ୍ଲବର ସମ୍ପାଦକ ସିଦ୍ଧାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ସୁଇଟ୍‌ର ପ୍ରତିଷ୍ଠା ଦିବସରେ ଯୋଗଦେବେ ପ୍ରମୋଦ ମିଶ୍ର

ସମ୍ବଲପୁର,୮।୨(ପ୍ରମୋଦ ବହିଦାର)

ସମ୍ବଲପୁର ବିଶ୍ୱବିଦ୍ୟାଳୟ ସୂଚନା ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ(ସୁଇଟ୍)ର ୧୪ତମ ପ୍ରତିଷ୍ଠା ଦିବସରେ ମୁଖ୍ୟଅତିଥି ଭାବେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପ୍ରମୋଦ କୁମାର ମିଶ୍ର ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବିଶ୍ୱବିଦ୍ୟାଳୟ ସୁଇଟ୍‌ରେ ଡ. ଏପିଜେ ଅବଦୁଲ କଲାମ ପ୍ରେକ୍ଷାଳୟରେ ଏହି କାର୍ଯ୍ୟକ୍ରମ ଆସନ୍ତା ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଚଳିବ। ୧୨ ତାରିଖ ଉଦ୍‌ଯାପନୀ ଉତ୍ସବରେ ଏମ୍‌ସିଏଲ୍ ସମ୍ବଲପୁରର କାର୍ମିକ ନିର୍ଦ୍ଦେଶକ କେଶବ ରାଓ ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସୁଇଟ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

## ରାଜ୍ୟ ସରକାରଙ୍କ ଜନକଲ୍ୟାଣ ଯୋଜନା ପ୍ରଦର୍ଶିତ

ଦେବଗଡ଼,୮।୨(ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ବ୍ଲକ ବସାଲଇ, ଡଂରା, ବଲଣ୍ଡା ଓ ସରୁଆଳି ପଞ୍ଚାୟତ ସଦର ମହକୁମାରେ ଆମ ଓଡିଶା ନବୀନ ଓଡିଶା ଅଧୀନରେ ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମାଞ୍ଚଳର ବିକାଶ ଓ ରାଜ୍ୟ ସରକାରଙ୍କ ପ୍ରୟାସ ଉପରେ ସଚେତନ କରାଯାଇଥିଲା। ବିଭିନ୍ନ ବିଭାଗ ତରଫରୁ ଷ୍ଟଲ ଖୋଲାଯାଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ପ୍ରଦର୍ଶିତ କରାଯିବା ସହ ବିଭାଗୀୟ ଅଧିକାରୀମାନେ ଲୋକଙ୍କୁ ବୁଝାଇଥିଲେ। ଏଥିସହ ସ୍ଥାନୀୟ କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ମାଧ୍ୟମରେ ରାଜ୍ୟ ସରକାରଙ୍କ ଲୋକାଭିମୁଖି ଯୋଜନା ଉପରେ ସୂଚନା ପ୍ରଦାନ କରାଯାଇଥିଲା।

**ଆମ ଓଡିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ**

ଏଲ୍‌ଇଡି ସ୍କ୍ରିନ ମାଧ୍ୟମରେ ବାରକୋଟ ବ୍ଲକରେ ହୋଇଥିବା ବିଭିନ୍ନ ଉନ୍ନତୀ ମୂଳକ ପ୍ରକଳ୍ପର ଭିଡିଓ ପ୍ରଦର୍ଶିତ ହୋଇଥିବା ବେଳେ ଉପସ୍ଥିତ ସମସ୍ତ ଜନସାଧାରଣ ଓ ଏସଏଚଜି ମହିଳାଙ୍କୁ ଲିଫଲେଟ୍ ବଣ୍ଟନ କରାଯାଇଥିଲା। ଉକ୍ତ ୩ ପଞ୍ଚାୟତରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବାରକୋଟ ବିଡିଓ ସ୍ମୃତି ରଞ୍ଜନ ସାହୁ ଏବଂ ସମ୍ମାନୀତ ଅତିଥିଭାବେ ବସାଲଇ ସରପଞ୍ଚ ତେଜସ୍ୱିନୀ ସାହୁ, ଡଂରା ସରପଞ୍ଚ ପ୍ରକାଶ ପାଣି, ବଲଣ୍ଡା ସରପଞ୍ଚ ରଣଦୀପ ପ୍ରଧାନ, ସରୁଆଳି ସରପଞ୍ଚ ଶୁଭଦ୍ରା ସାହୁ ପ୍ରମୁଖ ମଞ୍ଚସୀନ ଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏବଂ ବିଭିନ୍ନ ବିଭାଗର ଅଧିକାରୀ ସାମିଲ ହୋଇଥିଲେ।

## ଜଟିଆବାବା କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ

ଦେବଗଡ଼,୮।୨(ଶଶାଙ୍କ ଶେଖର ଝାଙ୍କର)

ରିଆମାଳ ବ୍ଲକ ଛତାବର ଖେଳ ପଡିଆଠାରେ ଜଟିଆ ବାବା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଜଟିଆବାବା କ୍ରିକେଟ ପ୍ରତିଯୋଗିତା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଆୟୋଜକ ଜଟିଆ ବାବା କ୍ରିକେଟ କ୍ଲବ ସଭାପତି କାହ୍ନା ସୁନ୍ଦର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଭାଜପା ଯୁବନେତା ସୁଧୀର କୁମାର ବ୍ରହ୍ମା, ନାଉଲିପଡା ସରପଞ୍ଚ ଏଲିନା ସାହୁ ଓ ସାମାଜିକ କର୍ମୀ ଲୋକନାଥ ପ୍ରଧାନ ଯୋଗଦେଇ ଫିତାକାଟି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଆୟୋଜକ ଜଟିଆ ବାବା କ୍ରିକେଟ କ୍ଲବକୁ ପରାସ୍ତ କରି ରିଆମାଳର ପାୱାର ଇଗଲ କ୍ରିକେଟ କ୍ଲବ ବିଜୟୀ ହୋଇଥିଲା। ଉଦ୍‌ଘାଟନୀ ମ୍ୟାଚକୁ ଅମ୍ପାୟାର ଭାବେ ସଞ୍ଜୟ ସାହୁ ଓ


ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

ତ୍ରିବେଣୀ ଷଣ୍ଢ ପରିଚାଳନା କରିଥିବା ବେଳେ ଭାଷ୍ୟକାର ଭାବେ ବିକୁ ଓ ଚିକୁ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ପ୍ରତିଯୋଗିତା ଆୟୋଜନରେ ଆୟୋଜକ କ୍ଲବର ସମ୍ପାଦକ ରାଜା ସାହୁ, ସଦସ୍ୟ ଦେବେନ୍ଦ୍ର, ଜଗା, ଅଜିତ, ବାଦଲ, ବିକାଶ, କାଳିଆ, ଇକନ, କାହ୍ନା, ଆକାଶ, ଆଶିଷ, ଲିଙ୍ଗୁରାଜ, ପିନୁ ଓ କେଦାରଙ୍କ ସମେତ ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ।

### ଶିଅଳ ସମାଜ କଲ୍ୟାଣ ମଣ୍ଡପ ପାଇଁ ଭୂମିପୂଜନ

କୁଚିଣ୍ଡା,୮।୨(ବିରଞ୍ଚି ଦର୍ଶା)

କୁଚିଣ୍ଡାରେ ଶିଅଳ ସମାଜ (ଖଜୁରିଆ)ର କଲ୍ୟାଣ ମଣ୍ଡପ ପାଇଁ ଗୁରୁବାର ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ଏନ୍‌ଏସି ୱାର୍ଡ ନଂ.୯ ବାଇପାସ ରାସ୍ତା ପାଖରେ ପ୍ରସ୍ତାବିତ କଲ୍ୟାଣ ମଣ୍ଡପ ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦରୁ ଅନୁଦାନ ମଞ୍ଜୁର ହୋଇଛି। ଏନ୍‌ଏସି ଅଧ୍ୟକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି ଓ କାଉନସିଲର ନବୀନ ହୋତାଙ୍କ ଦ୍ୱାରା ଏହି ଭୂମିପୂଜନ କାର୍ଯ୍ୟ ହୋଇଛି। ଏଥିରେ ଶିଅଳ ସମାଜର ସଭାପତି ବୀରବର ବେହେରା, କାର୍ଯ୍ୟକାରୀ ସଭ୍ୟ ସଞ୍ଜୟ ବେହେରା, ଉପଦେଷ୍ଟା ଡିଲେଶ୍ୱର ବେହେରା, କୃଷ୍ଣ ଚନ୍ଦ୍ର ବେହେରା, ହରିବନ୍ଧୁ ବେହେରା, ଆନନ୍ଦ ଚନ୍ଦ୍ର ବେହେରା, ବାବୁଲୁ ବେହେରା, ଦୁଃଖବନ୍ଧୁ ବେହେରା, ହେମସାଗର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ପୂଜକ ବିଷ୍ଣୁପ୍ରସାଦ ପାଣିଗ୍ରାହୀ ପୂଜାର୍ଚ୍ଚନା କରିଥିଲେ।

## ଏଆଇସିସି କାର୍ଯ୍ୟକର୍ତ୍ତାଙ୍କ ଦେବଗଡ଼ ଗସ୍ତ



ଦେବଗଡ଼,୮।୨(ଶଶାଙ୍କ ଶେଖର ଝାଙ୍କର)

ଅଖିଳ ଭାରତୀୟ କଂଗ୍ରେସ କମିଟିର ଓଡିଶା ପ୍ରଭାରୀ ଡ. ଅଜୟ କୁମାର, ସହ ପ୍ରଭାରୀ ଖ୍ରୀଷ୍ଟଫର ତିଲକ, ମୋହନା ବିଧାୟକ ଦାଶରଥୀ ଗମାଙ୍ଗ, ମିଡିଆ କମ୍ୟୁନିକେସନ ଅଧ୍ୟକ୍ଷ ଡ. ବିଶ୍ୱରଞ୍ଜନ ମହାନ୍ତି, ଜାତୀୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଡ. ସ୍ମୃତିରଞ୍ଜନ ଲେଙ୍କା, ଅଭିଷେକ ମହାନନ୍ଦ ଓ ସୁଦର୍ଶନ ଦାସଙ୍କ ଦେବଗଡ ଗସ୍ତ ଅବସରରେ ଜିଲା କଂଗ୍ରେସ ପଦାଧିକାରୀଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ସଂଧ୍ୟାରେ ଉପରୋକ୍ତ କଂଗ୍ରେସ ନେତୃବୃନ୍ଦ ସ୍ଥାନୀୟ ସର୍କୀଟ ହାଉସରେ ପହଞ୍ଚିବା ପରେ ସେମାନଙ୍କୁ ଦେବଗଡ ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ, ଦେବଗଡ ନଗର କଂଗ୍ରେସ ସଭାପତି ରେବତୀ ମୋହନ ପଟ୍ଟନାୟକ, ଜିଲା ଯୁବ କଂଗ୍ରେସ ସଭାପତି ସଲମନ ହେନେଜ, ଆକାଶ ଦାଶ, ଶ୍ରୀତମ ସାହୁ, ଆନନ୍ଦ କୁଲା, ରାଜକୁମାର ନାୟକ, ରାଜେଶ ନାୟକ ଓ କାହ୍ନୁଚରଣ ସିଂ ପ୍ରମୁଖ ସେମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହାପରେ ଉପସ୍ଥିତ ନେତୃବର୍ଗ ସେମାନଙ୍କ ସହିତ ଦେବଗଡ ଜିଲାର କଂଗ୍ରେସ ସଂଗଠନ ସମ୍ପର୍କରେ ଆଲୋଚନା କରିବାସହ ଆଗାମୀ ସାଧାରଣ ଲୋକସଭା ଓ ବିଧାନସଭା ନିର୍ବାଚନରେ ଦଳୀୟ ପ୍ରାର୍ଥୀମାନେ କିଭଳି ବିଜୟୀ ହେବେ ସେ ସମ୍ପର୍କରେ ଆଲୋଚନା କରିଥିବା ଜିଲା କଂଗ୍ରେସ ସଭାପତି ହେମ୍ବ୍ରମ ସୂଚନା ଦେଇଛନ୍ତି।

## ତିଲେଇବଣିରେ ଜଗନ୍ନାଥ ମନ୍ଦିରର ଭୂମିପୂଜନ ଉତ୍ସବ

ଦେବଗଡ, ୮।୨ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା ତିଲେଇବଣି ବ୍ଲକ ସଦର ମହକୁମାରେ ଆମ ଓଡିଶା ନବୀନ ଓଡିଶା ଯୋଜନାରୁ ୧୦ ଲକ୍ଷ ଟଙ୍କାର ଅନୁଦାନରେ ଗୁରୁବାର ଜଗନ୍ନାଥଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା ପାଇଁ ଭୂମି ପୂଜନ ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ତିଲେଇବଣି ରଥଯାତ୍ରା କମିଟି ଆନୁକୂଲ୍ୟରେ ପାରମ୍ପରିକ ପୂଜାର୍ଚ୍ଚନା ଓ ହୋମ ଯଜ୍ଞ ସହ ମନ୍ଦିର ନିର୍ମାଣ ପାଇଁ ଆନୁଷ୍ଠାନିକ ଭାବେ ଭୂମି ପୂଜନ କରାଯାଇଥିଲା। ଆୟୋଜକ ଅନୁଷ୍ଠାନର ସଭାପତି ସୋଭେନ ସାମଲଙ୍କ ନେତୃତ୍ୱ ଓ ସମ୍ପାଦକ ସୁଶାନ୍ତ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଆଧ୍ୟାତ୍ମିକ ଉତ୍ସବରେ ଅତିଥିଭାବେ ପୌରପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ଜିଲା ପରିଷଦ ସଭ୍ୟା ପୁଷ୍ପାଞ୍ଜଳୀ ସାମଲ, ତିଲେଇବଣି ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ଉପାଧ୍ୟକ୍ଷା ଆରତୀ ପ୍ରଧାନ, ବିଜେଡି ରାଜ୍ୟ ସମ୍ପାଦକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲା ବିଜେଡି ସଭାପତି ଇଂ.ଚିତରଞ୍ଜନ ପ୍ରଧାନ, ଜିଲା କଂଗ୍ରେସ କମିଟି ସଭାପତି ସେମ ହେମ୍ବ୍ରମ, ବାରକୋଟ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ବେହେରା ଓ ସମିତି ସଦସ୍ୟ ବିଜୟ ମୁଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି ମନ୍ଦିର ନିର୍ମାଣ ଦ୍ୱାରା ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ହୋଇପାରିବ ବୋଲି ମତ ବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ତିଲେଇବଣି ରଥଯାତ୍ରା କମିଟିର ଉପସଭାପତି ସୁଶୀଳ ଜୟସ୍ୱାଲ ଓ କୋଷାଧ୍ୟକ୍ଷ ବିଜୟ ମୁଣ୍ଡାଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ତିଲେଇବଣି ସମେତ ଆଖପାଖ ଅଞ୍ଚଳର ମହିଳା ଓ ପୁରୁଷ ଯୋଗ ଦେଇଥିଲେ।


ଜଗନ୍ନାଥ ମନ୍ଦିରର ଭୂମି ପୂଜନ ଉତ୍ସବରେ ହୋମ ଯଜ୍ଞ କରାଯାଉଛି।

## ଗୋଲ୍ଡେନ ଷ୍ଟାର କ୍ଲବ ଚାମ୍ପିୟନ

**ପଞ୍ଚ ଦିବସୀୟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ**

ଦେବଗଡ଼,୮।୨(ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ବ୍ଲକ ବଲାଣି ଗ୍ରାମରେ ପବିତ୍ର ମାତୃଭୂମୀ କ୍ଲବ ଆନୁକୂଲ୍ୟରେ ଗତ ୪ ତାରିଖରୁ ଆରମ୍ଭ ହୋଇଥିବା ପଞ୍ଚ ଦିବସୀୟ କ୍ରିକେଟ ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୋଟ ୧୬ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚରେ ଅନୁଗୋଳ ଜିଲାର ଚଷା ଗୁରୁଜାଙ୍ଗ କ୍ରିକେଟ କ୍ଲବକୁ ପରାସ୍ତ କରି ଦେବଗଡ ଜିଲାର କଲା ଗୋଲ୍ଡେନ ଷ୍ଟାର କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚକୁ ଅମ୍ପାୟାର ଭାବେ ସିପୁନ କୁମାର ପ୍ରଧାନ ଓ ପ୍ରଶାନ୍ତ କୁମାର ପ୍ରଧାନ ପରିଚାଳନା କରିଥିବା ବେଳେ ଭାଷ୍ୟକାର ଭାବେ ସିମ୍ପୁନ ମହାପାତ୍ର ଓ ମିଟୁ ଦଳବେହେରା ମ୍ୟାଚର ଧାରା


ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

ବିବରଣୀ ପ୍ରଦାନ କରିଥିଲେ। ସୁମାଇଲ କୁମାର ପ୍ରଧାନ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଅପରାହ୍ନରେ ପବିତ୍ର ମାତୃଭୂମୀ କ୍ଲବ ସଭାପତି ଆଲୋକ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ ଓ ସମ୍ମାନିତ ଅତିଥିଭାବେ ଫକୀର ମୋହନ ଦଳବେହେରା ଯୋଗଦେଇ ଚାମ୍ପିୟନ ଗୋଲ୍ଡେନ ଷ୍ଟାର କ୍ଲବ ଓ ରନର୍ସ ଅପ୍ ଚଷାଗୁରୁଜାଙ୍ଗ କ୍ରିକେଟ କ୍ଲବକୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତା ଆୟୋଜନରେ କ୍ଲବର ସମ୍ପାଦକ ଅରୁଣ କୁମାର ବେହେରା, ସଦସ୍ୟ ସିପୁନ, ସିମ୍ପୁନ, ପ୍ରଶାନ୍ତ, ଦିଲ୍ଲୀପ, ବିନୟ, ସୁନୀଲ ଓ ସନ୍ତୋଷଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ସକ୍ରୀୟ ସହଯୋଗ କରିଥିଲେ।

